# ସର୍ବହରା କ୍ରାନ୍ତି

● ସୋସାଲିଷ୍ଟ ୟୁନିଟି ସେଣ୍ଟର ଅଫ୍ ଇଣ୍ଡିଆ(କମ୍ୟୁନିଷ୍ଟ) ● ଓଡ଼ିଆ ମୁଖପତ୍ର - ପାକ୍ଷିକ ● ପୂର୍ବତନ ମୁଖ୍ୟ ସମ୍ପାଦକ- କମ୍ରେଡ୍ ତାପସ ଦତ୍ତ ● ଅନ୍‌ଲାଇନ୍ ସଂସ୍କରଣ

VOL NO.- 07, ISSUE NO.-01, DATE : 15.11.2020-31.11.2020, FORTNIGHTLY (ODIA), BHUBANESWAR. ELECTRONIC VERSION PAGES-08

# ମହାନ ନଭେମ୍ବର ବିପ୍ଳବର ୧୦୩ତମ ବାର୍ଷିକୀ ଅବସରରେ

## ଏସୟୁସିଆଇ(ସି)ର ସାଧାରଣ ସଂପାଦକ କମ୍ରେଡ୍ ପ୍ରଭାସ ଘୋଷଙ୍କର ଆହ୍ୱାନ



ପ୍ରିୟ କମ୍ରେଡ୍,

ଆପଣ ଜାଣନ୍ତି ମହାନ ନଭେମ୍ବର ବିପ୍ଳବର ୧୦୩ତମ ବାର୍ଷିକୀ ପାଖେଇ ଆସୁଥିଲାବେଳେ କେବଳ ମାତ୍ର ଆମ ଦେଶର ଜନସାଧାରଣ ନୁହଁନ୍ତି, ସମଗ୍ର ବିଶ୍ୱର ଜନସାଧାରଣ ଇତିମଧ୍ୟରେ ଲକ୍ଷ ଲକ୍ଷ ଲୋକଙ୍କର ଜୀବନ ନେଇସାରିଥିବା କୋଭିଡ୍-୧୯ର ଶେଷହୀନ ବିପଦର କବଳରେ ପଡ଼ିଛନ୍ତି। ଅନ୍ୟଦିଗରେ ନଜିରବିହୀନ ମାନ୍ଦାବସ୍ଥା ତୀବ୍ରରୁ ତୀବ୍ରତର ହେବାଫଳରେ ସମଗ୍ର ବିଶ୍ୱ ଜନସଂଖ୍ୟାର ପ୍ରାୟ ଅର୍ଦ୍ଧେକ ଛଟେଇ ହୋଇଛନ୍ତି ଓ କର୍ମନିଯୁକ୍ତି ହରାଇଛନ୍ତି। ଯାହାଫଳରେ ଲକ୍ଷ ଲକ୍ଷ ଲୋକ ଅନାହାରର ଶୀକାର ହୋଇଛନ୍ତି ଓ ମୃତ୍ୟୁ ମୁଖରେ ପଡ଼ିଛନ୍ତି।

ସଂକ୍ଷେପରେ କହିଲେ, ସମଗ୍ର ମଣିଷ ଜାତି ଏକ ଅଭୁତପୂର୍ବ ସଂକଟର ସମ୍ମୁଖୀନ ହୋଇଛି। ଏହା ଅତ୍ୟନ୍ତ ସ୍ୱଷ୍ଟ ଯେ, ସାମ୍ରାଜ୍ୟବାଦୀ-ପୁଞ୍ଜିବାଦୀ ଶାସକମାନେ ସେମାନଙ୍କର ମୁନାଫା ଅର୍ଜନ ଓ ଅର୍ଥନୈତିକ ସ୍ୱାର୍ଥର ଉର୍ଦ୍ଧ୍ୱକୁ ଉଠି ଠିକ୍ ସମୟରେ ଯଦି ଉଚିତ ପଦକ୍ଷେପ ଗ୍ରହଣ କରିଥାନ୍ତେ ଏବଂ ସାମରିକ ବ୍ୟୟ ବରାଦ ହ୍ରାସକରି ଲୋକଙ୍କୁ ପର୍ଯ୍ୟାପ୍ତ ସ୍ୱାସ୍ଥ୍ୟସେବା ଯୋଗାଇ ଦେଇଥାନ୍ତେ, ତାହେଲେ ଏହି ମାରାତ୍ମକ ଭୁତାଣୁର ଏହିଧରଣର ବ୍ୟାପକ ସଂକ୍ରମଣ ଓ ଏହି ସଂକ୍ରମଣ ଯୋଗୁଁ ବିପୁଳ ସଂଖ୍ୟକ ଲୋକଙ୍କର ଜୀବନହାନୀକୁ ନିୟନ୍ତ୍ରଣ କରାଯାଇପାରିଥାନ୍ତା।

ଆମେ ଏହା ମଧ୍ୟ ଜାଣୁ ଯେ, ଅର୍ଥନୈତିକ ମାନ୍ଦାବସ୍ଥା ଏବଂ ଏହା ସହିତ ଅଙ୍ଗାଙ୍ଗୀଭାବରେ ଯୁକ୍ତହୋଇ ରହିଥିବା ସମସ୍ୟାବଳୀ ହେଉଛି ସାମ୍ରାଜ୍ୟବାଦୀ-ପୁଞ୍ଜିବାଦୀ ଅର୍ଥନୀତିର ଅବଶ୍ୟମ୍ଭାବୀ ପରିଣତି। ଯେଉଁଠାରେକି ସର୍ବୋଚ୍ଚ ମୁନାଫା ଲୁଟ୍‌ପାଇଁ ପୁଞ୍ଜିପତି, ଏକଚାଟିଆ ପୁଞ୍ଜିପତି, ବହୁଜାତୀୟ କମ୍ପାନୀମାନେ ସେମାନଙ୍କର ଶୋଷଣ ଯନ୍ତ୍ରର ଚକ୍ରକୁ ଚଳାଇ ଶ୍ରମଜୀବୀ ଜନସାଧାରଣଙ୍କୁ ଚିରସ୍ଥାୟୀ ଭାବରେ ସର୍ବାଧିକ ସମ୍ଭବ ଶୋଷଣ କରି କୋଟି କୋଟି ଲୋକଙ୍କ ଜୀବନ ଦୁର୍ବିସହ କରନ୍ତି।

ବହୁ ପୂର୍ବରୁ ମହାନ ମାର୍କ୍ସ ଓ ଏଙ୍ଗେଲ୍ସ ବିଜ୍ଞାନସମ୍ମତଭାବରେ ବିଶ୍ଳେଷଣ କରି ପୁଞ୍ଜିବାଦୀ ଅର୍ଥନୀତିର ଏହି ବିଧ୍ୱଂସକାରୀ ପରିଣାମର ଆବଶ୍ୟମ୍ଭାବୀତା ସଂପର୍କରେ ଚେତାଇ ଦେବା ସହ ସମଗ୍ର ବିଶ୍ୱର ଶ୍ରମିକମାନଙ୍କୁ ବିପ୍ଳବ ସଂଗଠିତ କରିବା ଉଦ୍ଦେଶ୍ୟରେ ଐକ୍ୟବଦ୍ଧ ହେବାପାଇଁ ଆହ୍ୱାନ ଦେଇଥିଲେ ଏବଂ ପୁଞ୍ଜିବାଦ ସ୍ଥାନରେ କମ୍ୟୁନିଜିମର ପ୍ରଥମ ପର୍ଯ୍ୟାୟ, ଅର୍ଥାତ୍ ସମାଜବାଦ ପ୍ରତିଷ୍ଠାପାଇଁ ଆହ୍ୱାନ ଦେଇଥିଲେ।

ନଭେମ୍ବର ବିପ୍ଳବ ସଂଗଠିତ କରି ଏବଂ ମଣିଷ ଜାତିର ଇତିହାସରେ ପ୍ରଥମଥରପାଇଁ ସମସ୍ତ ପ୍ରକାର ଶ୍ରେଣୀ ଶୋଷଣରୁ ମୁକ୍ତ ସମାଜ ପ୍ରତିଷ୍ଠା କରି ମହାନ ଲେଲିନ୍ ଏବଂ ଷ୍ଟାଲିନ୍ ଏହି ଐତିହାସିକ ଲକ୍ଷ୍ୟକୁ ସାକାର କରିଥିଲେ। ମାର୍କ୍ସବାଦ-ଲେଲିନ୍‌ବାଦର ବିଶେଷ ପ୍ରୟୋଗକୁ ଭିତ୍ତିକରି ପ୍ରତିଷ୍ଠିତ ହୋଇଥିବା ସମାଜବାଦୀ ସମାଜ ଅର୍ଥନୈତିକ, ରାଜନୈତିକ ଓ ସାଂସ୍କୃତିକ ଭାବରେ ଏତେ ଉନ୍ନତ ଥିଲାଯେ ଏହି ସମାଜ ବ୍ୟବସ୍ଥା ସମସ୍ତଙ୍କୁ ନିଯୁକ୍ତି ଯୋଗାଇ ପାରିଥିଲା, ବେକାରୀ-କ୍ଷୁଧା ଓ ଭିକ୍ଷାବୃତ୍ତିକୁ ସଂପୂର୍ଣ୍ଣ ଦୂର କରିପାରିଥିଲା, ଜାତୀୟତା ଓ ବିଭିନ୍ନ ଜନଗୋଷ୍ଠିଗତ ସ୍ୱାର୍ଥକୈନ୍ଦ୍ରିକ ଦ୍ୱନ୍ଦ୍ୱ ଦୂର କରିପାରିଥିଲା। ନାରୀ-ପୁରୁଷ ମଧ୍ୟରେ ଅସମତା ଦୂର କରିପାରିଥିଲା ଏବଂ ସୁଲଭ ମୂଲ୍ୟରେ ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀ, ଶ୍ରମଜୀବୀ ଜନସାଧାରଣଙ୍କ ପାଇଁ ସ୍ୱାଧୀନତା ଓ ଗଣତାନ୍ତ୍ରିକ ଅଧିକାର ତଥା ସମସ୍ତ ନାଗରିକଙ୍କୁ ବିନାମୂଲ୍ୟରେ ଶିକ୍ଷା ଓ ସ୍ୱାସ୍ଥ୍ୟସେବା ଇତ୍ୟାଦି ଯୋଗାଇଦେଇ ପାରିଥିଲା। ଆହୁରି ମଧ୍ୟ ଏହି ସମାଜବାଦୀ ଦେଶ ଅସ୍ତ୍ରଶସ୍ତ୍ର ଉତ୍ପାଦନ ବନ୍ଦ କରିବା ଏବଂ ସମସ୍ତ ଔପନିବେଶିକ ଦଖଲଦାରୀର ଅବସାନ ଘଟାଇବା ଏବଂ ଯୁଦ୍ଧ ବନ୍ଦ କରିବାପାଇଁ ପ୍ରସ୍ତାବ ଦେଇଥିଲା, ସମସ୍ତ ଉପନିବେଶ ଓ ଅର୍ଦ୍ଧ ଉପନିବେଶମାନଙ୍କୁ ମୁକ୍ତ କରିବାପାଇଁ ସ୍ୱାଧୀନତା ଆନ୍ଦୋଳନ ଓ ମୁକ୍ତି ସଂଗ୍ରାମକୁ ସହାୟତା ଯୋଗାଇ ଦେଇଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଭିତିପ୍ରଦ ଫାସିଷ୍ଟ ଶକ୍ତିମାନଙ୍କୁ ପରାସ୍ତକରି ମଣିଷ ଜାତିକୁ ରକ୍ଷା କରିବା କ୍ଷେତ୍ରରେ ଏହି ଦେଶ ବୀରତ୍ୱପୂର୍ଣ୍ଣ ଭୂମିକା ପାଳନ କରିଥିଲା।

ବାସ୍ତବରେ ସମଗ୍ର ପୁଞ୍ଜିବାଦୀ ପଶ୍ଚିମୀ ସଭ୍ୟତାକୁ ଗଭୀର ଅନ୍ଧକାର ଗ୍ରାସ କରିଥିଲାବେଳେ ଏହି ନୂତନ ସମାଜବାଦୀ ସଭ୍ୟତା ପୂର୍ବ ଆକଶରେ ନୂତନ ସୂର୍ଯ୍ୟୋଦୟ ସଦୃଶ ଆତ୍ମପ୍ରକାଶ କରିଥିଲା। ଯାହାକି କେବଳମାତ୍ର ସମଗ୍ର ବିଶ୍ୱର ଶୋଷିତ ଜନସାଧାରଣଙ୍କର ଆଶାର ଆଲୋକବର୍ତ୍ତିକାରେ ପରିଣତ ହୋଇନଥିଲା, ପଶ୍ଚିମୀ ଦୁନିଆ ଓ ଔପନିବେଶିକ ଦେଶମାନଙ୍କର ମହାନ ମାନବତାବାଦୀମାନଙ୍କଦ୍ୱାରା ଉଚ୍ଚ ପ୍ରଶଂସିତ ମଧ୍ୟ ହୋଇଥିଲା।

ଏହା ଇତିହାସର ଏକ ବେଦନାଦାୟକ ଘଟଣା ଯେ ମାନବତାକୁ କିଛି ଦଶଂଧିଧରି ଆଲୋକିତ କରିବାପରେ ଏହି ନୂତନ ସଭ୍ୟତା ଧ୍ୱଂସପ୍ରାପ୍ତ ହୋଇଥିଲା ଏବଂ ଷ୍ଟାଲିନ୍ ପରବର୍ତ୍ତୀ ନେତୃତ୍ୱର କେତେକ ଗୁରୁତର ତ୍ରୁଟି ଏବଂ ବିଚ୍ୟୁତିର ସୁଯୋଗନେଇ ଦେଶ ବାହାର ସାମ୍ରାଜ୍ୟବାଦୀ ଶକ୍ତିମାନଙ୍କ ସହିତ ଗୋପନ ବୁଝାମଣାକରି ଅଭ୍ୟନ୍ତରୀଣ ଗୋପନ ଶତ୍ରୁମାନଙ୍କ ଦ୍ୱାରା ସଂଗଠିତ ହୋଇଥିବା ପ୍ରତିବିପ୍ଳବ ଜରିଆରେ ସେଠାରେ ପୁଞ୍ଜିବାଦ ପୁନଃ ପ୍ରତିଷ୍ଠିତ ହୋଇଥିଲା। ମାତ୍ର ଠିକ୍ ଯେଭଳି ପ୍ୟାରୀ କମ୍ୟୁନ୍‌ର ପତନରୁ ଆହରିତ ଅଭିଜ୍ଞତା ମାର୍କ୍ସବାଦକୁ ସମୃଦ୍ଧ କରିଥିଲା ଏବଂ ନଭେମ୍ବର ବିପ୍ଳବକୁ ପଥପ୍ରଦର୍ଶନ କରିଥିଲା ଠିକ୍ ସେହିଭଳି ଏହି ପ୍ରତିବିପ୍ଳବ ମଧ୍ୟ ଭବିଷ୍ୟତର ବିପ୍ଳବକୁ ପଥପ୍ରଦର୍ଶନ କରିବାପାଇଁ ଆହୁରି ଅଧିକ ଅଭିଜ୍ଞତା ପ୍ରଦାନ କରିଛି ଯାହାକୁ ମହାନ ମାର୍କ୍ସବାଦୀ ଚିନ୍ତାନାୟକ କମ୍ରେଡ୍ ଶିବଦାସ ଘୋଷ ଦର୍ଶାଇ ଯାଇଛନ୍ତି।

ବର୍ତ୍ତମାନ ବିଶ୍ୱ ପରିସ୍ଥିତି ଅତ୍ୟନ୍ତ ଆତଙ୍କଜନକ ଓ କରୁଣ। ବିଶ୍ୱ ସାମ୍ରାଜ୍ୟବାଦ-ପୁଞ୍ଜିବାଦ ମୃତ୍ୟୁଶଯ୍ୟାରେ ଶାୟିତ, ମାତ୍ର ଏହାର ମୃତ୍ୟୁ ଘଟୁନାହିଁ; କାରଣ କୌଣସି ସାମାଜିକ ବ୍ୟବସ୍ଥା ଅପଣାଛାଏଁ ମୃତ୍ୟୁବରଣ କରେନାହିଁ। ଏହା ପ୍ରାୟ ମୁମୁର୍ଷୁ ଏବଂ ଆସନ୍ନ ମୃତ୍ୟୁକୁ ଅପେକ୍ଷା କରିଥିବା ଏବଂ ସମାଜର ସମସ୍ତ କ୍ଷେତ୍ରରେ ଦୁର୍ଗନ୍ଧ ଭରିଦେଉଥିବା ଗୋଟିଏ ପଚମାନ ଶରୀର ଭଳି।

ଏହି ପରିସ୍ଥିତିରେ ପୁଞ୍ଜିବାଦ ଅର୍ଥନୈତିକ, ଆଦର୍ଶଗତ, ରାଜନୈତିକ ଓ ନୈତିକ ଦିଗରୁ ସମଗ୍ର ମାନବତାକୁ ସଂପୂର୍ଣ୍ଣ ଧ୍ୱଂସ ମୁହଁକୁ ଠେଲି ଦେଉଛି। ଆଉଗୋଟିଏ ବିପ୍ଳବର ଭୟରେ ଭୟଭୀତ ପୁଞ୍ଜିବାଦର ସମର୍ଥକ, ଭଡାଟିଆ ବୁର୍ଜୁଆ ରାଜନେତା ଏବଂ ଅର୍ଥଶାସ୍ତ୍ରୀମାନେ ମୃତ୍ୟୁର ଦ୍ୱାରଦେଶରେ ଠିଆ ହୋଇଥିବା ରୋଗୀକୁ ବଞ୍ଚାଇବା ଉଦ୍ଦେଶ୍ୟରେ ରୋଗର ପ୍ରତିକାର ଖୋଜି ବାହାର କରିବାପାଇଁ ଦିନରାତି ପରିଶ୍ରମ କରୁଛନ୍ତି, ମାତ୍ର ସେମାନେ ଏହି ଉଦ୍ୟମରେ ଅସଫଳ ହୋଇଛନ୍ତି ଏବଂ ଅନ୍ଧାରରେ ବାଡ଼ି ବୁଲାଉଛନ୍ତି।

ଅନ୍ୟଦିଗରେ ଗଣପ୍ରତିବାଦର ଉତ୍ତାଳ ଢ଼େଉ ଦେଖିବାକୁ ମିଳୁଛି। ଯାହାକୁ ସମସ୍ତ ଦେଶରେ ଫାସିବାଦୀ-ପୁଞ୍ଜିବାଦୀ ଶାସକମାନେ ନିର୍ଦ୍ଦୟ ଭାବରେ ଦମନ କରୁଛନ୍ତି। ଆନ୍ଦୋଳନକୁ ଦମନ କରିବାପାଇଁ ସେମାନେ ଯେତେ ଅଧିକ ନିଷ୍ଠୁର ଓ ନିର୍ମମ ହେଉଛନ୍ତି ସମସ୍ତ ପ୍ରକାର ପ୍ରଚଣ୍ଡ ଆକ୍ରମଣକୁ ବେଖାତିରକରି ଜନସାଧାରଣଙ୍କର ଅସନ୍ତୋଷ ଆନ୍ଦୋଳନ ରୂପରେ ସେତେ ଶକ୍ତିଶାଳୀ ରୂପରେ ମୁଣ୍ଡଟେକି ଉଠୁଛି। ନିପୀଡ଼ିତ ମଣିଷ ଶଙ୍କାମୁକ୍ତ, ସାହସୀ ଓ ସଂଗ୍ରାମରତ। ସେମାନେ ପରିବର୍ତ୍ତନ ଚାହାଁନ୍ତି, ମାତ୍ର ସେମାନଙ୍କ ସାମନାରେ କୌଣସି ବିପ୍ଳବୀ ଆଦର୍ଶ ଉଚ୍ଚ ସ୍ତରର ସଂସ୍କୃତି, ସଂଗଠନ ଏବଂ ନେତୃତ୍ୱ ନାହିଁ। ସୁତରାଂ, ମହାନ ନଭେମ୍ବର ବିପ୍ଳବର ଐତିହାସିକ ବାର୍ତ୍ତାକୁ ବାସ୍ତବାୟିତ କରିବାପାଇଁ ପୃଥିବୀର ସମସ୍ତ ଦେଶରେ ମାର୍କ୍ସବାଦ-ଲେଲିନ୍‌ବାଦ କମ୍ରେଡ୍ ଶିବଦାସ ଘୋଷଙ୍କ ଚିନ୍ତାଶିକ୍ଷାରେ ଶିକ୍ଷିତ ଶ୍ରମିକ ଶ୍ରେଣୀ ଦଳ ଗଡ଼ିତୋଳିବା ହେଉଛି ବର୍ତ୍ତମାନ ସମୟର ସବୁଠାରୁ ଜରୁରୀ ଆବଶ୍ୟକତା।

ଏହି ପୃଷ୍ଠଭୂମିରେ ମହାନ ମାର୍କ୍ସବାଦୀ ଚିନ୍ତାନାୟକ କମ୍ରେଡ୍ ଶିବଦାସ ଘୋଷଙ୍କ ଦ୍ୱାରା ପ୍ରତିଷ୍ଠିତ ଏସ୍.ୟୁ.ସି.ଆଇ(ସି) ଦଳର ବିପ୍ଳବୀ ଯୋଦ୍ଧା ଭାବରେ ଦେଶର ଅଭ୍ୟନ୍ତରରେ ଦଳର ବିସ୍ତାର ଘଟାଇବା ଓ ଦଳକୁ ସଂହତ କରିବା, ଉଚ୍ଚତର ବିପ୍ଳବୀ ଆଦର୍ଶ ଓ ସର୍ବହରା ସଂସ୍କୃତି ଭିତ୍ତିରେ ଶ୍ରେଣୀ ସଂଗ୍ରାମ ଓ ଗଣଆନ୍ଦୋଳନ ସଂଗଠିତ କରିବା ଓ ଏହି ଆନ୍ଦୋଳନକୁ ତ୍ୱରାନ୍ୱିତ କରିବା ଏବଂ ଏହିଭଳି କରିବା ମାଧ୍ୟମରେ ଅନ୍ୟାନ୍ୟ ଦେଶମାନଙ୍କର ସର୍ବହରା ଶ୍ରେଣୀକୁ ଉତ୍ସାହିତ କରିବା, ଶିକ୍ଷିତ କରିବା ଏବଂ ସହାୟତା କରିବା ହେଉଛି ଆମର ଐତିହାସିକ ଦାୟିତ୍ୱ। ଏହାହିଁ ହେଉଛି ମହାନ ନଭେମ୍ବର ବିପ୍ଳବର ୧୦୩ତମ ବାର୍ଷିକୀର ଆହ୍ୱାନ।

ସଂଗ୍ରାମୀ ଅଭିନନ୍ଦନ ସହ

**ପ୍ରଭାସ ଘୋଷ**

ସାଧାରଣ ସଂପାଦକ, ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ)

୪୮ ଲେଲିନ୍ ସରଣୀ, କଲିକତା।

# କେନ୍ଦ୍ର ବିଜେପି ସରକାରର ଜନବିରୋଧୀ ନୀତି ବିରୋଧରେ ୨୬ ନଭେମ୍ବର ୨୦୨୦ ସାରାଭାରତ ସାଧାରଣ ଧର୍ମଘଟକୁ ସଫଳ କରନ୍ତୁ

କେନ୍ଦ୍ର ବିଜେପି ସରକାରଙ୍କ ଶ୍ରମିକ ବିରୋଧୀ, କୃଷକ ବିରୋଧୀ ଓ ଜନବିରୋଧୀ ନୀତି ଓ ପଦକ୍ଷେପ ବିରୁଦ୍ଧରେ ଅଲ୍‌ଇଣ୍ଡିଆ ୟୁନାଇଟେଡ୍ ୟୁନିୟନ୍ ସେଣ୍ଟର (ଏ.ଆଇ.ୟୁ.ଟି.ୟୁ.ସି.) ସମେତ ଦେଶର ୧୦ଟି କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ୍ ଏବଂ ସ୍ୱାଧୀନ କର୍ମଚାରୀ ଫେଡ଼େରେସନ୍‌ମାନଙ୍କ ମିଳିତ ଆହ୍ୱାନରେ ୨୬ ନଭେମ୍ବର ୨୦୨୦ ସାରା ଭାରତ ସାଧାରଣ ଧର୍ମଘଟ ସଙ୍ଗଠିତ ହେବାକୁ ଯାଉଛି। ଏହି ସାଧାରଣ ଧର୍ମଘଟ ଏଭଳି ଏକ ସଙ୍କଟମୟ ପରିସ୍ଥିତି ଡାକରା ଦିଆଯାଇଛି ଯେତେବେଳେ କୋଭିଡ୍ ୧୯ ମହାମାରୀ ଓ ଲକ୍‌ଡାଉନ୍‌ର କଟକଣା ମଧ୍ୟରେ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଶ୍ରମଜୀବୀ ଜନସାଧାରଣଙ୍କର ସଂଗ୍ରାମଲବ୍ଧ କଷ୍ଟାର୍ଜିତ ଗଣତାନ୍ତ୍ରିକ ଅଧିକାର ଗୁଡ଼ିକୁ ସରକାରୀ ନିର୍ଦ୍ଦେଶନାମା, ଅର୍ଡ଼ିନାନ୍ସ୍ ଓ ବିଧେୟକ ମାଧ୍ୟମରେ ଉଚ୍ଛେଦ କରି ଚାଲିଛନ୍ତି।

୧୯୯୧ ମସିହାରେ ତତ୍କାଳୀନ କେନ୍ଦ୍ର କଂଗ୍ରେସ ସରକାର ନୂତନ ଆର୍ଥିକ ନୀତି ଓ ନୂତନ ଶିଳ୍ପନୀତି ପ୍ରଚଳନ କରି ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଓ ସରକାରୀ ସଂସ୍ଥା ଗୁଡ଼ିକୁ ଘରୋଇକରଣ କରିବା ପ୍ରକ୍ରିୟା ଆରମ୍ଭ କରିଥିଲା। ପରବର୍ତ୍ତୀ ସରକାରମାନେ ମଧ୍ୟ ଏହ ନୀତିକୁ କାର୍ଯ୍ୟକାରୀ କରି ଚାଲିଛନ୍ତି। ବର୍ତ୍ତମାନର ବିଜେପି ପରିଚାଳିତ କେନ୍ଦ୍ର ସରକାର ପାର୍ଲାମେଣ୍ଟରେ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ବଳରେ ଅଧିକ ଆକ୍ରମଣାତ୍ମକ ଭାବେ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଓ ସରକାରୀ କ୍ଷେତ୍ରଗୁଡ଼ିକୁ ଘରୋଇକରଣ କରିବାପାଇଁ ପଦକ୍ଷେପ ଗ୍ରହଣ କରିଚାଲିଛନ୍ତି। ରେଳ, ପ୍ରତିରକ୍ଷା, ବିଦ୍ୟୁତ୍ ଓ ଇସ୍ପାତ୍ ଶିଳ୍ପ, ବ୍ୟାଙ୍କ, ବୀମା, ବିପିସିଏଲ୍, ବିଏସ୍‌ଏନ୍‌ଏଲ୍, କୋଇଲା, ବିମାନ ସେବା, ବନ୍ଦର, ଗମନାଗମନ ଆଦି କ୍ଷେତ୍ରକୁ ଘରୋଇକରଣ କରି ଶ୍ରମଜୀବୀ ଜନସାଧାରଣଙ୍କୁ ନିଷ୍ଠୁର ଶୋଷଣ ମଧ୍ୟକୁ ନିକ୍ଷେପ କରିବା ପାଇଁ ସରକାର ପଦକ୍ଷେପ ଗ୍ରହଣ କରି ଚାଲିଛନ୍ତି।

(ଅବଶିଷ୍ଟାଂଶ ଦ୍ୱିତୀୟ ପୃଷ୍ଠାରେ)

# ଲୋମହର୍ଷଣକାରୀ ହାଥରସ ଘଟଣା ଉତ୍ତର ପ୍ରଦେଶ ବିଜେପି ସରକାରର ଅସଲ ଚେହେରା ଉନ୍ମୋଚିତ କରିଛି

ଗତ ସେପ୍ଟେମ୍ବର ୨୯ରେ ଉତ୍ତରପ୍ରଦେଶର ହାଥରସରେ ଅତ୍ୟନ୍ତ ଜଘନ୍ୟ ବର୍ବରତାର ଶୀକାର ହୋଇଥିବା ୧୯ ବର୍ଷୀୟା ଦଳିତ ତରୁଣୀ ମନୀଷା ବାଲ୍ମିକୀର ମର୍ମାନ୍ତିକ ମୃତ୍ୟୁ ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରଚାରିତ ହେବାପରେ ସାରା ଦେଶରେ ପ୍ରବଳ ଆଲୋଡ଼ନ ସୃଷ୍ଟି ହୋଇଥିଲା। ଘଟଣାଟି ଘଟିଥିଲା ସେପ୍ଟେମ୍ବର ୧୪ ତାରିଖରେ। ଦରିଦ୍ର ପରିବାରର ଝିଅଟି ମା' ସହ ବାଜରା କ୍ଷେତ୍ରରେ କାମ କରୁଥିବା ସମୟରେ ତଥାକଥିତ ଉଚ୍ଚବର୍ଣ୍ଣର ୪ ଜଣ ଯୁବକ ତାକୁ ଜୋରଜବରଦସ୍ତ ଉଠାଇନେଲେ। ପରେ ଅତ୍ୟନ୍ତ ସଙ୍କଟାପନ୍ନ ଅବସ୍ଥାରେ ଝିଅଟିକୁ ତାର ପରିବାର ଲୋକ ଠାବ କଲେ। ଗଣବଳାତ୍କାର ପରେ ତରୁଣୀଟି ପ୍ରତି ଅତ୍ୟନ୍ତ ଜଘନ୍ୟ ଓ ଅମାନବୀୟ ନିର୍ଯ୍ୟାତନା ଦିଆଯାଇଥିଲା। ତା'ର ଜିଭ କାଟି ଦିଆଯାଇଥିଲା ଏବଂ ପ୍ରଚଣ୍ଡ ଆଘାତ କରାଯାଇ ତାର ସୁସୁମ୍ନା କାଣ୍ଡ, ମେରୁହାଡ଼ ଓ ଗୋଡ଼ର ହାଡ଼କୁ ଭାଙ୍ଗି ଦିଆଯାଇଥିବାରୁ ତାର ଶରୀର ପକ୍ଷାଘାତ ହୋଇ ଅଚଳ ହୋଇ ପଡ଼ିଥିଲା। ଅତ୍ୟନ୍ତ ବିପଦାପନ୍ନ ଅବସ୍ଥାରେ ତା'ର ପରିବାର ଲୋକେ ତାକୁ ଆଲିଗଡ଼ ଡାକ୍ତରଖାନାରେ ଭର୍ତ୍ତିକରି ଉପଯୁକ୍ତ ଚିକିତ୍ସା ପାଇଁ ଉଚ୍ଚତର ଚିକିତ୍ସାଳୟକୁ ସ୍ଥାନାନ୍ତର କରିବା ପାଇଁ ବିଭିନ୍ନ ମହଲରେ ବାରମ୍ବାର ଦାବି କରିଥିଲେ ମଧ୍ୟ ସେଥିପ୍ରତି କର୍ଣ୍ଣପାତ କରାଯାଇ ନ ଥିଲା। ସେହି ଅବସ୍ଥାରେ ତାକୁ ୧୪ ଦିନ କାଳ ସେଠାରେ ପକାଇ ରଖାଗଲା। ଅପର ଦିଗରେ ଅପରାଧିଙ୍କ ବିରୁଦ୍ଧରେ ପୋଲିସ ମଧ୍ୟ ଏଫ୍‌ଆଇଆର୍ ଗ୍ରହଣ କରୁ ନ ଥିଲା। କାରଣ ଅପରାଧିମାନେ ଥିଲେ ଶାସକ ବିଜେପି ଦଳର ଆଶ୍ରିତ। ଘଟଣାର ୯ ଦିନ ପରେ ସେପ୍ଟେମ୍ବର ୨୨ ତାରିଖରେ ପୋଲିସ ଏଫ୍‌ଆଇଆର୍ ଗ୍ରହଣ କଲା। ତା ପ୍ରତି ବଳାତ୍କାର କରାଯାଇଛି ବୋଲି ପୀଡ଼ିତାର ମୃତ୍ୟୁକାଳୀନ ଜମାନବନ୍ଦି ଆଲିଗଡ଼ ଡାକ୍ତରଙ୍କ ରିପୋର୍ଟ ସତ୍ତ୍ୱେ ପୋଲିସ ଏହାକୁ ଅସ୍ୱୀକାର କଲା। ଶେଷରେ ସେପ୍ଟେମ୍ବର ୨୮ ତାରିଖରେ ତାକୁ ଦିଲ୍ଲୀ ସଫଦରଜଙ୍ଗ ହସ୍‌ପିଟାଲକୁ ସ୍ଥାନାନ୍ତର କରାଗଲା ଓ ୨୯ ତାରିଖରେ ତାର ମର୍ମାନ୍ତିକ ମୃତ୍ୟୁ ଘଟିଲା।

ଏତିକିରେ ପୋଲିସ ପ୍ରଶାସନର ଖେଳ ଶେଷ ହେଲା ନାହିଁ। ମନୀଷାର ପିତାମାତା ତାଙ୍କର ଅତି ଆଦରର ଝିଅଟିକୁ ଶେଷଥର ଦେଖିବା ପାଇଁ ଯେତେ ଆକୁଳ ନିବେଦନ କଲେ ବି ସେତକ ସୁଯୋଗ ମଧ୍ୟ ତାଙ୍କୁ ଦିଆଗଲା ନାହିଁ। ସମସ୍ତ ଗଣତାନ୍ତ୍ରିକ ରୀତିନୀତି ଓ ଅଧିକାରକୁ ଉଲ୍ଲଘଂନ କରି, ତାରି ପିତାମାତାଙ୍କୁ ଘରେ ବନ୍ଦ କରି ରଖି, ଗାଁକୁ ଘେରାଉ କରି ରାତି ଅଧରେ ଜିଲ୍ଲା ପ୍ରଶାସନ ଓ ପୋଲିସ ବାହିନୀ ମନୀଷାର ମୃତ ଦେହକୁ ପୋଡ଼ିଦେଲେ। ଯେଉଁ ଗଣମାଧ୍ୟମର ପ୍ରତିନିଧି ଓ ସାମାଜିକ କର୍ମୀ ତା'ର ପିତାମାତାଙ୍କୁ ସାକ୍ଷାତ କରିବାକୁ ଆସୁଥିଲେ, ସେମାନଙ୍କୁ ତ ସେ ସୁଯୋଗ ଦିଆଗଲା ନାହିଁ ଅପରନ୍ତୁ ସେମାନଙ୍କ ପ୍ରତି ପୋଲିସ ବାହିନୀର ବର୍ବରୋଚିତ ଆଚରଣ ସାରା ଦେଶବାସୀଙ୍କୁ ହତଚକିତ କରିଛି। ସେପ୍ଟେମ୍ବର ୨୯ ତାରିଖରେ ଗଣ ମାଧ୍ୟମରେ ଘଟଣାଟି ପ୍ରକାଶିତ ହେବାପରେ କୋଭିଡ଼-୧୯ ଯୋଗୁ ଦେଶବ୍ୟାପୀ ଲାଗି ରହିଥିବା ଅସ୍ୱାଭାବିକ ପରିସ୍ଥିତି ସତ୍ତ୍ୱେ ସାରା ଦେଶରେ ପ୍ରତିବାଦର ସ୍ୱର ଧ୍ୱନିତ ହେଲା। ମହିଳା, ଛାତ୍ର, ଯୁବକ ତଥା ସଚେତନ ଶୁଭବୁଦ୍ଧି ସମ୍ପନ୍ନ ସାଧାରଣ ଜନତା ରାଜରାସ୍ତାକୁ ଓହ୍ଲାଇଲେ। ବୁଦ୍ଧିଜୀବୀ ସମ୍ପ୍ରଦାୟ ଘଟଣାର ଦୃଢ଼ ନିନ୍ଦା କଲେ। ସେପ୍ଟେମ୍ବର ୩୦ ତାରିଖକୁ ବିପ୍ଳବୀ ମହିଳା ସଙ୍ଗଠନ ଏ.ଆଇ.ଏମ୍.ଏସ୍.ଏସ୍. ତରଫରୁ ସାରା ଭାରତ ପ୍ରତିବାଦ ଦିବସ ଓ ବିପ୍ଳବୀ ଛାତ୍ର ଏବଂ ଯୁବକ ସଙ୍ଗଠନ ଏ.ଆଇ.ଡି.ଏସ୍.ଓ., ଏ.ଆଇ.ଡି.ୱାଇ.ଓ. ତରଫରୁ ସାରା ଭାରତ କଳା ଦିବସ ଏବଂ ଅକ୍ଟୋବର ୧ ତାରିଖକୁ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ତରଫରୁ ସାରାଭାରତ ପ୍ରତିବାଦ ଦିବସ ରୂପେ ଆହ୍ୱାନ ଦିଆଯାଇଥିଲା। ଉତ୍ତର ପ୍ରଦେଶ, ଓଡ଼ିଶା ସମେତ ଦେଶର ବିଭିନ୍ନ ରାଜ୍ୟରେ ଏହି ହୃଦୟ ବିଦାରକ ଘଟଣା ପ୍ରତିବାଦରେ ଆନ୍ଦୋଳନ ସଙ୍ଗଠିତ ହେଲା। ଦିଲ୍ଲୀରେ ଆନ୍ଦୋଳନକାରୀଙ୍କୁ ପୋଲିସ ଅତ୍ୟନ୍ତ ନିର୍ଲଜ ଓ ଅଗଣତାନ୍ତ୍ରିକ ଭାବେ ଗିରଫ କଲା। ଏହି ସମସ୍ତ ଆନ୍ଦୋଳନରେ ଅପରାଧିମାନଙ୍କୁ ଦୃଷ୍ଟାନ୍ତମୂଳକ ଶାସ୍ତି ଦାବି ସହ ସମ୍ପୃକ୍ତ ଜିଲ୍ଲା ପ୍ରଶାସନିକ ଅଧିକାରୀ ଓ ପୋଲିସ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି ଉଠିଥିଲା। ଶେଷ ପର୍ଯ୍ୟନ୍ତ ବଳାତ୍କାରୀ ୪ ଜଣଙ୍କୁ ଗିରଫ କରି ଏବଂ ୫ ଜଣ ପୋଲିଙ୍କୁ ଚାକିରୀରୁ ନିଲମ୍ବନ କରି ୟୁପି ସରକାର ତାଙ୍କ ନ୍ୟାୟ ଧର୍ମର ପରାକାଷ୍ଠା ଦେଖାଇଲେ। ଏତିକିରେ ବି ବିଜେପି ନେତୃତ୍ୱାଧିନ ସରକାର ଓ ତାଙ୍କ ପୋଲିସ ପ୍ରଶାସନର ପାରିଲା ପଣିଆର ଶେଷ ହେଲା ନାହିଁ। ନାନା ଗଳ୍ପ ଗୁଜବ ଓ ନାଟକବାଜି କରି ପିଡ଼ିତାର ଭାଇ, ବାପା ଓ ମାଙ୍କୁ ତା'ର ମୃତ୍ୟୁ ପାଇଁ ଦାୟୀ କରିବାର ଚେଷ୍ଟା କରାଗଲା। ଏହାର ନଜିର ପୂର୍ବରୁ କେବେହେଲେ ଦେଖା ଯାଇ ନ ଥିଲା।

ଉଲ୍ଲେଖ କରିବା ବାହୁଲ୍ୟ ନାରୀ ନିର୍ଯ୍ୟାତନା, ଦୁଷ୍କର୍ମ ଓ ହତ୍ୟା ଘଟଣା ଆଜି ଆମ ଦେଶରେ ପ୍ରତିଦିନର ଓ ପ୍ରତି ମୁହୂର୍ତ୍ତର ସାଧାରଣ ଘଟଣାରେ ପରିଣତ ହୋଇଛି। ଗତ ୨୦୧୨ ଦିଲ୍ଲୀରେ ନିର୍ଭୟା ଘଟଣା ବିରୁଦ୍ଧରେ ସାରା ଦେଶରେ ସ୍ୱତଃପୂର୍ବ ଆନ୍ଦୋଳନର ଜୁଆର ସୃଷ୍ଟି ହୋଇଥିଲା। ସେହି ଆନ୍ଦୋଳନର ବଳାତ୍କାରୀଙ୍କୁ ଫାଶୀ ମଧ୍ୟ ହେଲା। ଆନ୍ଦୋଳନ ଚାପରେ ତତ୍‌କାଳୀନ କଂଗ୍ରେସ ସରକାର ଜଷ୍ଟିସ ବର୍ମାଙ୍କ ଅଧ୍ୟକ୍ଷତାରେ ଏକ କମିଶନ ବସାଇଲେ ଏବଂ ଖୁବ୍ କମ ଦିନ ମଧ୍ୟରେ ଉକ୍ତ କମିଟି ଏକ ସୁପାରିଶ ମଧ୍ୟ ପ୍ରଦାନ କଲେ। ମାତ୍ର ଉକ୍ତ ସୁପାରିଶକୁ ତତ୍‌କାଳୀନ କଂଗ୍ରେସ ସରକାର କିମ୍ବା ପରବର୍ତ୍ତୀ ସମୟରେ ଦୀର୍ଘ ୬ ବର୍ଷରୁ ଊର୍ଦ୍ଧ୍ୱକାଳ ଧରି କେନ୍ଦ୍ରରେ କ୍ଷମତାସୀନ ନୀତି-ନୈତିକତା-ମୂଲ୍ୟବୋଧର ଧ୍ୱଜାଧାରୀ(!) ବିଜେପି ସରକାର କେହି ହେଲେ କାର୍ଯ୍ୟକାରୀ କରିବାକୁ ସାମାନ୍ୟ ଆନ୍ତରିକତା ପ୍ରକାଶ କରି ନାହାନ୍ତି। ବେଟି ବଚାଓ- ବେଟି ବଢ଼ାଓ ସ୍ଲୋଗାନ ଦେଇ ନାରୀଙ୍କୁ ଦେବୀ ବୋଲି ପ୍ରଚାର କରୁଥିବା ବିଜେପି ସରକାର ତଥା ନେତାମାନଙ୍କର ନାରୀଜାତି ପ୍ରତି ବାସ୍ତବ ଦୃଷ୍ଟିଭଙ୍ଗୀ ବର୍ତ୍ତମାନ ହାଥରସ ଘଟଣା ସମେତ ଅତୀତର ଉତ୍ତର ପ୍ରଦେଶର ଉନ୍ନାଓ ଓ ଜମ୍ମୁକାଶ୍ମୀରର କଠୁଆରେ ସଙ୍ଗଠିତ ଘଟଣାରୁ ସ୍ପଷ୍ଟଭାବେ ପ୍ରତୀୟମାନ ହୋଇଛି। ସମ୍ପ୍ରତି ହାଥରସ ଘଟଣାରେ ପୀଡ଼ିତାକୁ ନ୍ୟାୟ ଦେବା ପରିବର୍ତ୍ତେ ଅପରାଧିଙ୍କୁ ସୁରକ୍ଷା ଦେବା ପାଇଁ ସମ୍ପୂର୍ଣ୍ଣ ସରକାରୀ କଳ ସମସ୍ତ ବଳ ଖଟାଇ ଦୀନଦରିଦ୍ର ପୀଡ଼ିତାର ପରିବାକୁ କାଠଗଡ଼ାରେ ଠିଆ କରାଇବାକୁ ଲାଗିପଡ଼ିବା ଅତ୍ୟନ୍ତ ଘୃଣ୍ୟ ଓ ଚିନ୍ତାଜନକ ବିଷୟ।

ଆଜି ଏହି ସମସ୍ୟା ଗୁଡ଼ିକ ସଂକ୍ରାମକ ରୋଗଠାରୁ ବି ଆହୁରି ଭୟଙ୍କର ଭାବେ ବ୍ୟାପି ଚାଲିଛି। କୌଣସି ପରିବାରର ଶିଶୁ କନ୍ୟାଠାରୁ ବୃଦ୍ଧା ପର୍ଯ୍ୟନ୍ତ ଆକ୍ରମଣ ହାତରୁ ନିସ୍ତାର ପାଇବାର ଗ୍ୟାରେଣ୍ଟି ନାହିଁ। ଯେକୌଣସି ପରିବାରର ପୁଅ ଅସାମାଜିକ, ଲମ୍ପଟ ଯେ ନ ହେବ ତା'ର ଗ୍ୟାରେଣ୍ଟି ମଧ୍ୟ କେହି ଦେଇ ପାରିବେ ନାହିଁ। ଏହିଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ବି ଆମେ କ'ଣ ଭାବିବା ନାହିଁ କାହିଁକି ଏସବୁ ଘଟି ଚାଲିଛି? ଏସବୁ ଘଟିବା ପଛରେ କି କାରଣ ରହିଛି। କିପରି ଏହି ସମସ୍ୟାର ମୂଳୋତ୍ପାଟନ ହେବ। ଦୋଷୀକୁ କଠୋର ତମ ଶାସ୍ତି ପାଇଁ ଆନ୍ଦୋଳନ ବ୍ୟାପକତର ହେବା ଦରକାର ଏବଂ ଦୋଷୀ ଦୃଷ୍ଟାନ୍ତମୂଳକ ଶାସ୍ତି ପାଇବା ଉଚିତ। କିନ୍ତୁ କେବଳ କ'ଣ ଦୋଷୀ ଦଣ୍ଡ ପାଇଲେ ସମସ୍ୟା ସମାଧାନ ହେବ? ଆମେ ମନେକରୁ କେବଳ ତା ଦ୍ୱାରା ସମସ୍ୟା ସମାଧାନ ହେବ ନାହିଁ। କାରଣ ଆଜି ଯେ ଅପରାଧି ସେ ମାତୃଗର୍ଭରୁ ଅପରାଧି ହୋଇ ଜନ୍ମ ହୋଇ ନ ଥିଲା। ବର୍ତ୍ତମାନର ପଚମାନ ସାମାଜିକ ସାଂସ୍କୃତିକ ପରିବେଶର ପ୍ରଭାବରେ ହିଁ ସେ ଅପରାଧିରେ ପରିଣତ ହୋଇଛି। ଗୋଟିଏ ଦିଗରେ ମଦ ଓ ବିଭିନ୍ନ ପ୍ରକାର ମାରାତ୍ମକ ମାଦକ ଦ୍ରବ୍ୟର ଅବାଧ କାରବାର ଏବଂ ଇଣ୍ଟରନେଟ୍ ସମେତ ସମସ୍ତ ଗଣମାଧ୍ୟମରେ ବିଜ୍ଞାପନ, ସିନେମା, ସଙ୍ଗୀତ, ସିରିଏଲ ଆଦି ଜରିଆରେ ଅଶ୍ଳୀଳତା, ନଗ୍ନତା ଓ ଅତ୍ୟନ୍ତ କୁତ୍ସିତ, କଦର୍ଯ୍ୟ କାର୍ଯ୍ୟକ୍ରମର ବ୍ୟାପକ ପ୍ରଚାର ପ୍ରସାର ଓ ଅନ୍ୟ ଦିଗରେ ଆମ ସମାଜରେ ନାରୀ ପ୍ରତି ରହିଥିବା ହୀନ ବୈଷମ୍ୟ ମୂଳକ ଦୃଷ୍ଟିଭଙ୍ଗୀ ହିଁ ନାରୀ ନିର୍ଯ୍ୟାତନା ବୃଦ୍ଧି ପାଇଁ ମୁଖ୍ୟତଃ ଦାୟୀ ବୋଲି ଆମେ ମନେକରୁ।

ଅଥଚ ନାରୀ ସ୍ୱାଧୀନତା, ସଶକ୍ତିକରଣ, ନାରୀକୁ ଦେବୀ ଆଦି ସ୍ଲୋଗାନ ଦେଉଥିବା କେନ୍ଦ୍ର ଓ ବିଭିନ୍ନ ରାଜ୍ୟର ବର୍ତ୍ତମାନର ସରକାର ମାନେ ଏବଂ ଅତୀତରେ କ୍ଷମତାସୀନ ସରକାର ମାନେ ସମସ୍ତେ ହିଁ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ମଦ-ମାଦକ ଦ୍ରବ୍ୟ ତଥା ସମସ୍ତ ଗଣମାଧ୍ୟମରେ ଲଗାମହୀନ ଭାବେ ଅଶ୍ଳୀଳତା-ନଗ୍ନତାର ପ୍ରସାରକୁ ପ୍ରୋତ୍ସାହିତ କରୁଛନ୍ତି ଏବଂ କରିଛନ୍ତି। ବର୍ତ୍ତମାନ ଅତ୍ୟନ୍ତ ଖୋଲାଖୋଲି ଭାବରେ ଏହାର ପ୍ରଚାର ପ୍ରସାରକୁ ଦିନ ପରେ ଦିନ ବ୍ୟାପକ କରି ଚାଲିଛନ୍ତି। ନାରୀକୁ ଆଜି ବଜାରର ପଣ୍ୟରେ ପରଣିତ କରାଯାଇଛି। ଛୋଟ ଛୋଟ ଝିଅମାନଙ୍କୁ ହରମୋନ ଇଞ୍ଜେକସନ୍ ଦେଇ ସେମାନଙ୍କ ମଧ୍ୟରେ କୃତ୍ରିମ ଉତ୍ତେଜନା ସୃଷ୍ଟି କରାଯାଇ ସେମାନଙ୍କୁ ବିଭିନ୍ନ ଭାବରେ ବିନିଯୋଗ କରଯାଉଛି। ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟ ଦେଇ ନାରୀକୁ କେବଳ ଉପଭୋଗର ସାମଗ୍ରୀ ଭାବରେ ଚିତ୍ରଣ କରାଯାଉଛି। ଦିନ ଯେତେ ଯାଉଛି ଆମ ଦେଶରେ ପ୍ରତିଷ୍ଠିତ ଶୋଷଣମୂଳକ ପୁଞ୍ଜିବାଦୀ ଶାସନ ବ୍ୟବସ୍ଥା ସେତେ ସଙ୍କଟ ଜର୍ଜରିତ ହେଉଛି। ସେହି ଶୋଷଣ ନିପୀଡ଼ନ ବିରୁଦ୍ଧରେ ଗଢ଼ି ଉଠୁଥିବା ଆନ୍ଦୋଳନକୁ ଅଙ୍କୁରରେ ବିନାଶ କରିବା ପାଇଁ, ଦେଶର ଛାତ୍ର, ଯୁବକ ଓ ଜନଗଣଙ୍କ ମଧ୍ୟରୁ ସମସ୍ତ ସୁସ୍ଥ ଚିନ୍ତା, ବିବେକ ବିଚାରକୁ ଧ୍ୱଂସ କରିବା ଉଦ୍ଦେଶ୍ୟରେ ସେତେ ବେଶି ମଦ ଅଶ୍ଳୀଳତାର ବନ୍ୟା ସୃଷ୍ଟି କରାଯାଉଛି। ବିକୃତ ଚିନ୍ତା, ଅସ୍ୱାଭାବିକ ଯୌନ ଉନ୍ମାଦନା ସୃଷ୍ଟି କରାଯାଉଛି। ବିଶେଷଭାବେ ୯୦ ଦଶକରୁ ଜଗତୀକରଣ, ଉଦାରୀକରଣ ନୀତି କାର୍ଯ୍ୟକାରୀ ହେବା ପରଠାରୁ ସାମ୍ରାଜ୍ୟବାଦୀ ସଂସ୍କୃତିର ପ୍ରଭାବରେ ସାମାଜିକ ଓ ସାଂସ୍କୃତିକ ଜୀବନ ଉପରେ ଆକ୍ରମଣ ଭୟଙ୍କର ଭାବେ ବୃଦ୍ଧି ପାଇଛି। ପୁନଶ୍ଚ କେନ୍ଦ୍ର ଓ ବିଭିନ୍ନ ରାଜ୍ୟରେ ବିଜେପି ସରକାର ପ୍ରତିଷ୍ଠିତ ହେବାପରେ ଯାହା ସାମାନ୍ୟ ଗଣତାନ୍ତ୍ରିକ ଚିନ୍ତା ଚେତନା ଓ ଯୁକ୍ତିବାଦୀ ସାମାଜିକ ପରିବେଶ ତିଷ୍ଠି ରହିଥିଲା ତାକୁ ସମ୍ପୂର୍ଣ୍ଣ ଧ୍ୱଂସ କରାଯାଇ ମଧ୍ୟଯୁଗୀୟ ଧର୍ମୀୟ ଅନ୍ଧତା, କୁପମଣ୍ଡୁକତାର ପୁନରୁତ୍ଥାନ ପାଇଁ ଚେଷ୍ଟା କରାଯାଉଛି। ପୋଥି, ପୁରାଣ, ମନୁସ୍ମୃତିର ଜୟଗାନ କରାଯାଉଛି। ଯେଉଁ ମନୁସ୍ମୃତି କହିଛି ନାରୀ ହେଉଛି ନରକର ଦ୍ୱାର, ନାରୀ ହିଁ ସବୁ ଅନିଷ୍ଟର ମୂଳକାରଣ। ସେଥିପାଇଁ ବିଜେପି ଦଳର ଅନେକ ନେତା ଅଧିକାଂଶ ସମୟରେ ନାରୀନିର୍ଯ୍ୟାତନା ପାଇଁ ନାରୀକୁ ହିଁ ଦାୟୀ କରୁଛନ୍ତି। ଲକ୍ଷ୍ମଣରେଖା ନ ଡେଇଁବାକୁ ଅର୍ଥାତ୍ ଘରୁ ନ ବାହାରିବାକୁ ପରାମର୍ଶ ଦେଉଛନ୍ତି। ନାରୀକୁ ରନ୍ଧନଶାଳ ଓ ଏନ୍ତୁଡ଼ିଶାଳରେ ବାନ୍ଧି ରଖିବାକୁ ଚେଷ୍ଟା କରୁଛି। ଫଳରେ ନାରୀଜାତି ଉପରେ ନାନାଦି ଉତ୍ପୀଡ଼ ବହୁଗୁଣିତ ହେଉଛି।

ଏଣୁ ଏହି ପରିସ୍ଥିତିରେ ନାରୀନିର୍ଯ୍ୟାତନା ବନ୍ଦ ତଥା ମଦ-ମାଦକ ଦ୍ରବ୍ୟ ଓ ଅଶ୍ଳୀଳତା ନଗ୍ନତାର ପ୍ରଚାର ପ୍ରସାରକୁ ନିଷିଦ୍ଧ କରିବା ପାଇଁ ଐକ୍ୟବଦ୍ଧ ଧାରାବାହିକ ଶକ୍ତିଶାଳୀ ଆନ୍ଦୋଳନ ଗଢ଼ିତୋଳିବା ସହ ସୁସ୍ଥ ସାମାଜିକ ସାଂସ୍କୃତିକ ପରିମଣ୍ଡଳ ଗଢ଼ିତୋଳିବାର ଜରୁରୀ ଆବଶ୍ୟକତା ରହିଛି। ଏଥିପାଇଁ ଗୋଟିଏ ଦିଗରେ ଅତୀତର ବଡ଼ ମଣିଷ ମହାପୁରୁଷ, ମାନବତାବାଦୀ ମନୀଷୀ ମାନଙ୍କର ଚର୍ଚ୍ଚା ଏବଂ ସେମାନଙ୍କର ଜୀବନ ସଂଗ୍ରାମରୁ ଉପଯୁକ୍ତ ଶିକ୍ଷା ଗ୍ରହଣ କରିବା ଜରୁରୀ। ପୁଣି ଆଜିକାର ଯୁଗ ପରିପ୍ରେକ୍ଷୀରେ ଆହୁରି ଉଚ୍ଚତର ସାଂସ୍କୃତି, ସର୍ବହରା ସଂସ୍କୃତିର ପରିପୂରକ କାବ୍ୟ, ସାହିତ୍ୟ, ନାଟକ, ସଙ୍ଗୀତ ବ୍ୟାପକ ଚର୍ଚ୍ଚା କରି ସରକାରଙ୍କର ସମସ୍ତ ଫାଶୀବାଦୀ ଷଡଯନ୍ତ୍ରକୁ ପଣ୍ଡକରି ସର୍ବସ୍ତରର ଶୋଷିତ ଜନଗଣଙ୍କ ଜୀବନ ଜୀବିକାର ଦାବି ନେଇ ଶକ୍ତିଶାଳୀ ଗଣଆନ୍ଦୋଳନ ଗଢ଼ିତୋଳିବା ମଧ୍ୟ ଆବଶ୍ୟକ। ଏଭଳି ଭାବରେ ପ୍ରତିଷ୍ଠିତ ଶୋଷଣମୂଳକ ପୁଞ୍ଜିବାଦୀ ବ୍ୟବସ୍ଥାକୁ ଉଚ୍ଛେଦ କରି ଶୋଷଣହୀନ ସମାଜବାଦୀ ବ୍ୟବସ୍ଥା ପ୍ରତିଷ୍ଠା ଦ୍ୱାରା ହିଁ କେବଳ ମାତ୍ର ଏହି ସମସ୍ୟାର ମୂଳୋତ୍ପାଟନ ସମ୍ଭବ।

## କେନ୍ଦ୍ର ବିଜେପି ସରକାରର ଜନବିରୋଧୀ ନୀତି.... (ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)

ପୁଞ୍ଜିପତି, ଶିଳ୍ପପତି ମାଲିକ ଶ୍ରେଣୀର ବ୍ୟବସାୟକୁ ସହଜ କରିବା ଲକ୍ଷ୍ୟ ନେଇ ବିଜେପି ସରକାର ତରବରିଆ ଭାବରେ ପ୍ରଚଳିତ ୪୪ଟି ଶ୍ରମ ଆଇନ୍‌କୁ ସଂଶୋଧନ କରି ୪ଟି ଶ୍ରମ କୋଡ଼ରେ ପରିଣତ କରି ପାର୍ଲାମେଣ୍ଟରେ ଗୃହୀତ କରାଇ ନେଇଛନ୍ତି। ମଜୁରୀ କୋଡ଼ (Wage Code), ଶିଳ୍ପ କୋଡ୍ (Industrial Relation Code), ବୃତ୍ତିଗତ ସୁରକ୍ଷା, ସ୍ୱାସ୍ଥ୍ୟ ଓ କାର୍ଯ୍ୟାବସ୍ଥା କୋର୍ଡ଼ (Code on occupational safaty, Health and working condition) ଏବଂ ସାମାଜିକ ସୁରକ୍ଷା କୋର୍ଡ଼ (Social security code) ପ୍ରଚଳନ କରି ଶ୍ରମିକମାନଙ୍କୁ ମନଇଚ୍ଛା ଶୋଷଣ କରିବା ପାଇଁ ନିଯୁକ୍ତିଦାତା ବା ମାଲିକମାନଙ୍କୁ ନିରଙ୍କୁଶ ଅଧିକାର ପ୍ରଦାନ କରାଯାଇଛି। ମଜୁରୀ କୋର୍ଡ଼ ଅନୁସାରେ ଜଣେ ଶ୍ରମିକ ଦିନେ କାମରେ ଅନୁପସ୍ଥିତି ରହିଲେ ୮ ଦିନର ମଜୁରୀ କାଟି ରଖିବାକୁ ନିଯୁକ୍ତିଦାତାଙ୍କୁ କ୍ଷମତା ଦିଆଯାଇଛି। ଠିକା ଶ୍ରମିକଙ୍କ ବକେୟା ପ୍ରାପ୍ୟ ପ୍ରଦାନ କ୍ଷେତ୍ରରେ ପ୍ରିନ୍‌ସିପାଲ ଏମ୍ପ୍ଲୟର (ମୁଖ୍ୟ ନିଯୁକ୍ତିଦାତା)ଙ୍କ ଦାୟିତ୍ୱକୁ ଉଚ୍ଛେଦ କରାଯାଇଛି। ଶିଳ୍ପ ସଂସ୍ଥାରେ କାର୍ଯ୍ୟରତ ଶ୍ରମିକ କର୍ମଚାରୀଙ୍କ ପ୍ରାପ୍ୟ ଓ ସୁବିଧା ସୁଯୋଗ ପ୍ରଦାନ ସମ୍ପର୍କିତ ନିରୀକ୍ଷଣ (ଇନ୍‌ସ୍ପେକସନ୍)କୁ ଗୌଣ କରାଯାଇଛି। ବିଭିନ୍ନ ଭୌଗଳିକ ଅଞ୍ଚଳକୁ ଭିତ୍ତିକରି ଭିନ୍ନ ଭିନ୍ନ ସର୍ବନିମ୍ନ ମଜୁରୀ ନିର୍ଦ୍ଧାରଣ କରି ନିଯୁକ୍ତିଦାତାଙ୍କୁ ରିହାତି ଦେବାର ବ୍ୟବସ୍ଥା କରାଯାଇଛି। ଶିଳ୍ପ ସମ୍ପର୍କ କୋର୍ଡ (Industrial Relation Code) ଅନୁଯାୟୀ ୩୦୦ ଜଣରୁ କମ୍ ଶ୍ରମିକ କର୍ମଚାରୀ କାମ କରୁଥିବା ଶିଳ୍ପ ବା ସଂସ୍ଥା ଗୁଡ଼ିକରେ ମାଲିକ ବା ନିଯୁକ୍ତିଦାତାମାନେ ସରକାରଙ୍କ ବିନା ଅନୁମତିରେ ଶିଳ୍ପ ସଂସ୍ଥାକୁ ବନ୍ଦ କରିପାରିବେ ଏବଂ ଶ୍ରମିକ କର୍ମଚାରୀ ଛଟେଇ କରିପାରିବେ। ପ୍ରଚଳିତ ଶିଳ୍ପ ବିବାଦ ଆଇନ୍ (Industrial Dispute Act)ରେ ୧୦୦ ଜଣରୁ କମ୍ ଶ୍ରମିକ କର୍ମଚାରୀ କାମ କରୁଥିବା ଶିଳ୍ପ ସଂସ୍ଥାରେ ଏହିଭଳି ବ୍ୟବସ୍ଥା ଥିଲା। ଏହି କୋଡ୍ ଅନୁସାରେ ଶତକଡ଼ା ୯୦ ଭାଗ ଶ୍ରମିକ କର୍ମଚାରୀଙ୍କ ନିଯୁକ୍ତି ସୁରକ୍ଷା ମାଲିକ ମାନଙ୍କ ଇଚ୍ଛା ଓ ଅନିଚ୍ଛା ଉପରେ ନିର୍ଭର କରିବ। ଏହି କୋଡ୍ ଅନୁସାରେ ଶିଳ୍ପ କଳକାରଖାନାର ମାଲିକମାନଙ୍କୁ ଷ୍ଟାଣ୍ଡିଙ୍ଗ ଅର୍ଡ଼ର ପ୍ରସ୍ତୁତ ନ କରିବାର ବ୍ୟବସ୍ଥା କରାଯାଇଛି। ପୂର୍ବ ପ୍ରଚଳିତ Industrial Employment (Standing orders) Act 1946 ଅନୁସାରେ ୧୦୦ ବା ୧୦୦ରୁ ଅଧିକ ଶ୍ରମିକ କର୍ମଚାରୀ କାମ କରୁଥିବା ଶିଳ୍ପ ସଂସ୍ଥାରେ ଶ୍ରମିକ କର୍ମଚାରୀଙ୍କ ପାଇଁ ନିଯୁକ୍ତି ସର୍ତ୍ତାବଳୀ ଓ ବ୍ୟବହାରିକ ନିୟମାମଳୀ (Conditions of Employment and rules of conduct)କୁ ଶିଳ୍ପ ସଂସ୍ଥାର କର୍ତ୍ତୃପକ୍ଷ ଓ ଶ୍ରମିକ କର୍ମଚାରୀଙ୍କ ପ୍ରତିନିଧିଙ୍କ ମଧ୍ୟରେ ଶ୍ରମ ମନ୍ତ୍ରଣାଳୟର ନମୁନା ଷ୍ଟାଣ୍ଡିଙ୍ଗ ଅର୍ଡ଼ର (Model standing order) ଅନୁଯାୟୀ ସ୍ୱାକ୍ଷରିତ ହେବାର ବିଧିବଦ୍ଧ ବ୍ୟବସ୍ଥା ଥିଲା। ଯାହାଫଳରେ ଶ୍ରମିକ କର୍ମଚାରୀମାନଙ୍କର କିଛି ମାତ୍ରାର ସୁରକ୍ଷାର ବ୍ୟବସ୍ଥା ଥିଲା। ବର୍ତ୍ତମାନ ଏହି ଶିଳ୍ପ ସମ୍ପର୍କିତ କୋର୍ଡ଼ ଲାଗୁ ହେବାପରେ ଷ୍ଟାଣ୍ଡିଂ ଅର୍ଡର (Standing Order)କୁ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯାଇଛି। ସଂଘ ଗଢ଼ିବାର ଅଧିକାର ଓ ଧର୍ମଘଟ କରିବାର ଅଧିକାର ଯାହାକି ଶ୍ରମିକ ଶ୍ରେଣୀର ଅବିଚ୍ଛେଦ୍ୟ ଅଧିକାର ଭାବେ ପରିଗଣିତ ହୋଇ ଆସୁଥିଲା, ତାକୁ ନିଷିଦ୍ଧ ଓ ଦୁର୍ବଳ କରି ଦିଆଯାଇଛି। ନିଯୁକ୍ତିଦାତା ଓ କର୍ମଚାରୀଙ୍କ ମଧ୍ୟରେ କୌଣସି ବିବାଦ ବିଷୟରେ ଶ୍ରମ ବିଭାଗ ନିକଟରେ ଆଲୋଚନା ଚାଲିଥିବା ସମୟରେ କିମ୍ବା ଆଲୋଚନା ପ୍ରକ୍ରିୟା ଶେଷ ହେବାର ୭ ଦିନ ପରେ ମଧ୍ୟ ଶ୍ରମିକ କର୍ମଚାରୀ ମାନେ ଧର୍ମଘଟ

(ଅବଶିଷ୍ଟାଂଶ ପଞ୍ଚମ ପୃଷ୍ଠାରେ)

# କେନ୍ଦ୍ର ସରକାରଙ୍କ କୃଷିନୀତି ଦେଶର କୃଷକଙ୍କୁ ସର୍ବସ୍ୱାନ୍ତ କରିବ ଏବଂ କୃଷିକ୍ଷେତ୍ରର ଲଗାମହୀନ କର୍ପୋରେଟ୍ ଲୁଟ୍‌ପାଇଁ କ୍ଷେତ୍ର ପ୍ରଶସ୍ତ କରିବ

କରୋନାର ମୁକାବିଲା କ୍ଷେତ୍ରରେ ବିଜେପି ଶାସିତ କେନ୍ଦ୍ର ସରକାର ଓ ବିଭିନ୍ନ ରାଜନୈତିକ ଦଳ ନେତୃତ୍ୱରେ ପରିଚାଳିତ ରାଜ୍ୟ ସରକାରମାନଙ୍କର ଅପରାଧି ସୁଲଭ ଉଦାସୀନତା, ସମଗ୍ର ସ୍ୱାସ୍ଥ୍ୟସେବା କ୍ଷେତ୍ରର ବ୍ୟାପକ ଘରୋଇକରଣ ଓ ଅବିଚାରିତ ଲକ୍‌ଡାଉନ୍ ଏବଂ ସଟ୍‌ଡାଉନ୍ ଫଳରେ ସୃଷ୍ଟି ହୋଇଥିବା ପରିସ୍ଥିରେ ସମଗ୍ର ଦେଶର ସାଧାରଣ ଲୋକ ହାହାକାର କରୁଛନ୍ତି। କୋଟି କୋଟି ସାଧାରଣ ଲୋକ ଆଜି ଜୀବନ-ଜୀବିକାର ସଙ୍କଟରେ ସନ୍ତୁଳି ହେଉଛନ୍ତି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଏହି ମହାମାରୀ ଜନିତ ପରିସ୍ଥିତିର ସୁଯୋଗ ନେଇ ଗୋଟିଏ ପରେ ଗୋଟିଏ ଅତ୍ୟନ୍ତ ଜନବିରୋଧି ଆଇନ୍ ପ୍ରଣୟନ କରିଚାଲିଛନ୍ତି। ଅନ୍ୟପଟରେ ନିର୍ବାଚନ ପ୍ରଚାର ପାଇଁ ହଜାର ହଜାର ଲୋକଙ୍କୁ ଏକତ୍ରିତ ହେବାର ସୁଯୋଗ ଦିଆଯାଉଥିବାବେଳେ ମହାମାରୀ ଆଇନ୍ ଆଳରେ ସମସ୍ତ ପ୍ରକାର ପ୍ରତିବାଦ ଆନ୍ଦୋଳନ ଉପରେ ଅଙ୍କୁଶ ଲଗାଯାଇଛି।

ଏହି ଲକ୍‌ଡାଉନ୍ ସମୟରେ ହିଁ ମାରାତ୍ମକ ଭାବରେ ଶ୍ରମିକ ସ୍ୱାର୍ଥ ବିରୋଧି ଶ୍ରମ ଆଇନ୍ ପ୍ରଣୟନ କରାଯାଇଛି ଏବଂ ଜନସାଧାରଣଙ୍କ ଝାଳବୁହା ଧନରେ ଗଢ଼ିଉଠିଥିବା ରାଷ୍ଟ୍ରାୟତ୍ତ ସଂସ୍ଥା ଗୁଡ଼ିକୁ ଶାଗମାଛ ଦରରେ ଘରୋଇ କମ୍ପାନୀମାନଙ୍କୁ ବିକ୍ରି କରିଦିଆଯାଉଛି। ଏସବୁ ଜନବିରୋଧି ନୀତିର ଧାରାବାହିକତାରେ ସମ୍ପ୍ରତି କେନ୍ଦ୍ର ବିଜେପି ସରକାର ଦେଶର ଅଗଣିତ କ୍ଷୁଦ୍ରଚାଷୀ, ନାମମାତ୍ର ଚାଷୀ, ମଧ୍ୟମ ଧରଣର ଚାଷୀ ଓ କୃଷି ଶ୍ରମିକମାନଙ୍କ ଜୀବନ ଜୀବିକାକୁ ଗୁରୁତର ଭାବରେ ପ୍ରଭାବିତ କରୁଥିବା ୩ଟି କୃଷି ଆଇନ୍ ପ୍ରଣୟନ କରିଛନ୍ତି। ସଂସଦରେ ଏହି ୩ଟି ଆଇନ୍ ପାଶ୍ କରିବା ପୂର୍ବରୁ କେନ୍ଦ୍ର ସରକାର ଅଧ୍ୟାଦେଶ ଜରିଆରେ ଏହି ଆଇନ୍ ଗୁଡ଼ିକୁ ପ୍ରଚଳନ କରିଥିଲେ। ସୂଚନାଯୋଗ୍ୟ, ଆମ ରାଜ୍ୟରେ ଦୀର୍ଘ ୨୦ ବର୍ଷ ଧରି ଶାସନ କରୁଥିବା ବିଜେଡ଼ି ଦଳ ଏହି ଅଧ୍ୟାଦେଶଗୁଡ଼ିକୁ ବିରୋଧ କରି ନ ଥିଲା। ପରବର୍ତ୍ତୀ ସମୟରେ ଅଧ୍ୟାଦେଶଗୁଡ଼ିକୁ ଆଇନ୍‌ରେ ପରିଣତ କରାଯିବା ସମୟରେ ବିଜେଡ଼ି ଦଳ ଲୋକସଭାରେ ଏହି ଆଇନ୍ ଗୁଡ଼ିକୁ ସମର୍ଥନ କରିଥିଲା। ମାତ୍ର ରାଜ୍ୟବାସୀଙ୍କୁ ବିଭ୍ରାନ୍ତ କରିବାପାଇଁ ରାଜ୍ୟସଭାରେ ଏଗୁଡ଼ିକୁ ବିରୋଧ କରିବାର ନାଟକ ରଚନା କରିଥିଲା। ବିଲ୍‌ଗୁଡ଼ିକ ରାଜ୍ୟସଭାରେ ଉପସ୍ଥାପନ କରାଗଲାବେଳେ ସଂସଦର ଏହି ଗୃହରେ ଶାସକ ବିଜେପି ଦଳର ସଂଖ୍ୟା ଗରିଷ୍ଠତା ନ ଥିଲା। ବିଜେପିର ବହୁ ସହଯୋଗୀଦଳ ମଧ୍ୟ ଏହି ବିଲ୍ ଗୁଡ଼ିକୁ ବିରୋଧ କରୁଥିବାରୁ ରାଜ୍ୟସଭାରେ ଏଗୁଡ଼ିକ ଅନୁମୋଦନ ଲାଭ କରି ଆଇନ୍‌ରେ ପରିଣତ ହେବା ଅସମ୍ଭବ ଥିଲା। ମାତ୍ର ସମସ୍ତ ଗଣତାନ୍ତ୍ରିକ ପରମ୍ପରା ଓ ସଂସଦୀୟ ବିଧିବ୍ୟବସ୍ଥାକୁ ପଦଦଳିତ କରି ଅତ୍ୟନ୍ତ ଷଡ଼ଯନ୍ତ୍ରପୂର୍ଣ୍ଣ ଭାବରେ ବିଲ୍‌ଗୁଡ଼ିକୁ ଧ୍ୱନିମତରେ ଗୃହୀତ କରି ଆଇନ୍‌ରେ ପରିଣତ କରାଗଲା।

ଏହି କୃଷି ଆଇନ୍ ଗୁଡ଼ିକ ଦେଶର କୃଷକମାନଙ୍କ ସ୍ୱାର୍ଥରେ ପ୍ରଣୟନ କରାଯାଇଛି ଏବଂ ଖୁବ୍‌ଶୀଘ୍ର ବିଷାଦଗ୍ରସ୍ତ ଚାଷୀକୂଳ ମୁହଁରେ ହସ ଫୁଟିବ ବୋଲି ସରକାର ଦାବି କରୁଛନ୍ତି। ଚିରାଚରିତ ଢଙ୍ଗରେ ଏହି ଆଇନ୍ ଗୁଡ଼ିକ ଐତିହାସିକ ବୋଲି ପ୍ରଧାନମନ୍ତ୍ରୀ ମନ୍ତବ୍ୟ ଦେଇଛନ୍ତି। ସୂଚନାଯୋଗ୍ୟ ୨୦୧୪ ମସିହା ସାଧାରଣ ନିର୍ବାଚନ ପ୍ରଚାର ସମୟରୁ ହିଁ ବିଜେପି ଦଳ କୃଷକ ମାନଙ୍କ ଉନ୍ନତି ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବ ବୋଲି ପ୍ରତିଶ୍ରୁତି ଦେଇଆସୁଛି। କ୍ଷମତାକୁ ଆସିଲେ ତୁରନ୍ତ ସ୍ୱାମୀନାଥନ କମିଶନ ରିପୋର୍ଟ ଲାଗୁ କରାଯିବ ଏବଂ ଉତ୍ପାଦିତ କୃଷିଜାତ ଦ୍ରବ୍ୟ ପାଇଁ କୃଷକକୁ ଲାଭଜନକ ସର୍ବନିମ୍ନ ସହାୟକ ମୂଲ୍ୟ ଦିଆଯିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିର୍ବାଚନୀ ସଭା ମାନଙ୍କରେ ଘୋଷଣା କରୁଥିଲେ। ମାତ୍ର କ୍ଷମତାସୀନ ହେବା ପରେ ବିଜେପି ଦଳ ଓ ପ୍ରଧାନମନ୍ତ୍ରୀ ତାଙ୍କର ଅନ୍ୟାନ୍ୟ ବହୁ ପ୍ରତିଶ୍ରୁତି ଭଳି ଏହି ପ୍ରତିଶ୍ରୁତିଟିକୁ ମଧ୍ୟ ଭୁଲି ଯାଇଛନ୍ତି। ମୋଦି କ୍ଷମତାସୀନ ହେବାର ୬ ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ସ୍ୱାମୀନାଥନ କମିଶନ ରିପୋର୍ଟ ଲାଗୁ କରାଯାଇ ନାହିଁ। ତେବେ ନିର୍ବାଚନୀ ପ୍ରତିଶ୍ରୁତି ପୂରଣ କରିବା ପରିବର୍ତ୍ତେ କେନ୍ଦ୍ର ସରକାର ୨୦୨୨ ମସିହା ସୁଦ୍ଧା ଦେଶର ସମସ୍ତ କୃଷକଙ୍କ ଆୟ ଦୁଇଗୁଣ କରିଦେବେ ବୋଲି ନୂଆ ଘୋଷଣା କଲେ। ଏହାପରେ କେନ୍ଦ୍ର ସରକାର ବହୁ ଆଡ଼ମ୍ବରରେ କୃଷିବୀମା ଯୋଜନା ଘୋଷଣା କଲେ। ୨୦୧୯ ନିର୍ବାଚନ ସମୟରେ କଂଗ୍ରେସର 'ନ୍ୟାୟ' ଯୋଜନାକୁ ଟକ୍କର ଦେବାପାଇଁ ଚାଷୀମାନଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ଟଙ୍କା ପଠାଇବା ଯୋଜନା କେନ୍ଦ୍ର ସରକାର ଘୋଷଣା କରିଥିଲେ। ସେହିଭଳି ରାଜ୍ୟ ସରକାର ୨୦୧୯ ନିର୍ବାଚନର ଠିକ୍ ପୂର୍ବରୁ କୃଷକ ମାନଙ୍କର ଭାଗ୍ୟ ପରିବର୍ତ୍ତନର ଘୋଷିତ ଲକ୍ଷ୍ୟରେ ବହୁ ପ୍ରଚାରିତ 'କାଳିଆ' ଯୋଜନା ଘୋଷଣା କରିଥିଲେ।

ତେବେ ଏହା ସ୍ପଷ୍ଟ ଯେ କେନ୍ଦ୍ର ଓ ରାଜ୍ୟ ସରକାର ମାନଙ୍କର ସମସ୍ତ ଯୋଜନା ଓ ପ୍ରତିଶ୍ରୁତି ସତ୍ତ୍ୱେ ଦେଶର ଚାଷୀମାନଙ୍କ ଅବସ୍ଥା ଦିନକୁ ଦିନ ଦୁର୍ବିସହ ହେଉଛି। ଚାଷ ପାଇଁ ଆବଶ୍ୟକ ଜମି ପ୍ରକୃତ ଚାଷୀ ହାତରେ ନାହିଁ। ସ୍ୱାଧୀନତାର ୭୩ ବର୍ଷ ପରେ ମଧ୍ୟ ବ୍ୟାପକ ଅଂଶର ଚାଷଜମିକୁ ଜଳସେଚନର ସୁବିଧା ନାହିଁ। ଚାଷୀକୁ ସୁଲଭ ମୂଲ୍ୟରେ ଓ ଉପଯୁକ୍ତ ସମୟରେ ବିହନ, ସାର, ପୋକମରା ଔଷଧ ଯୋଗାଣ ପାଇଁ ଆବଶ୍ୟକ ବ୍ୟବସ୍ଥା ନାହିଁ। ଉଠା ଜଳସେଚନ ପାଇଁ ରିହାତି ଦରରେ ବିଜୁଳି ଯୋଗାଣର ବ୍ୟବସ୍ଥା ନାହିଁ। କ୍ଷୁଦ୍ର ଚାଷୀ, ନାମମାତ୍ର ଚାଷୀ, ଭାଗଚାଷୀ ଓ ମଧ୍ୟମ ଧରଣର ଚାଷୀମାନଙ୍କୁ ଦରକାର ସମୟରେ ବ୍ୟାଙ୍କ ବା ଅନ୍ୟାନ୍ୟ ସରକାରୀ ସଂସ୍ଥାରୁ ଆବଶ୍ୟକ କୃଷିଋଣ ଯୋଗାଣର ବ୍ୟବସ୍ଥା ନାହିଁ। ଫଳରେ ଦେଶର ଶତକଡ଼ା ୮୦ ଭାଗରୁ ଅଧିକ ଚାଷୀ ହାତଉଧାରି କରିବାକୁ କିମ୍ବା ଚଡ଼ା ସୁଧରେ ମାଇକ୍ରୋଫାଇନାନ୍ସ ସଂସ୍ଥା ମାନଙ୍କ ପାଖରୁ ଋଣ କରିବାକୁ ବାଧ ହେଉଛନ୍ତି। ୧୯୯୧ ମସିହାରେ ଦେଶରେ ଜଗତୀକରଣ, ଘରୋଇକରଣ ଓ ଉଦାରୀକରଣ ନୀତି ଲାଗୁ ହେବାପରେ କୃଷିକ୍ଷେତ୍ରରେ ସବ୍‌ସିଡି ବ୍ୟାପକ ହ୍ରାସ ପାଇଛି। ଅନ୍ୟ ଦିଗରେ କୃଷି କାର୍ଯ୍ୟପାଇଁ ଆବଶ୍ୟକ ସମସ୍ତ ଜିନିଷର ଲଗାତର ଦରବୃଦ୍ଧି ଘଟୁଛି। ଫଳରେ ଚାଷ ପାଇଁ ପ୍ରଚୁର ଟଙ୍କା ଖର୍ଚ୍ଚ କରିବାକୁ ହେଉଛି। ମାତ୍ର ଚାଷୀ ପ୍ରଚୁର ଟଙ୍କା ଖର୍ଚ୍ଚ କରି ଉତ୍ପାଦନ କରୁଥିବା ଫସଲର ଉପଯୁକ୍ତ ଦାମ ପାଉ ନାହିଁ। ଫସଲର ଅଭାବୀ ବିକ୍ରି କରିବାକୁ ବାଧ ହେଉଛି। ବର୍ଷ ପରେ ବର୍ଷ ଏହି ଧାରା ଲାଗି ରହିବାରୁ ଋଣ ଜାଲରେ ପଡ଼ି ଚାଷୀ ଆତ୍ମହତ୍ୟାର ରାସ୍ତା ବାଛି ନେବାକୁ ବାଧ ହେଉଛି। ଏହି କାରଣରୁ ହିଁ ଗତ ୨୦ ବର୍ଷ ମଧ୍ୟରେ ଦେଶରେ ୪ ଲକ୍ଷରୁ ଅଧିକ କୃଷକ ଆତ୍ମହତ୍ୟା କରିଛନ୍ତି। କୃଷକ ଆତ୍ମହତ୍ୟା ଆଜି ବି ଲାଗି ରହିଛି। ମାତ୍ର କେନ୍ଦ୍ର ସରକାର ଏ ସମ୍ପର୍କିତ ତଥ୍ୟ ସର୍ବସାଧାରଣରେ ପ୍ରକାଶ ନିଷିଦ୍ଧ କରିଥିବାରୁ ଚାଷୀ ଆତ୍ମହତ୍ୟା ସମ୍ପର୍କିତ ସଠିକ୍ ତଥ୍ୟ ଲୋକଲୋଚନକୁ ଆସିପାରୁ ନାହିଁ। ତେବେ ଗୋଟିଏ କଥା ନିଶ୍ଚିତ, ତା ହେଉଛି ଆମ ରାଜ୍ୟ ସମେତ ସମଗ୍ର ଦେଶରେ ଚାଷୀ ଅତ୍ୟନ୍ତ ଦୁର୍ବିସହ ଜୀବନଯାପନ କରୁଛି। ଏହିଭଳି ପରିସ୍ଥିତିରେ ଚାଷୀ ଓଠରେ ହସଫୁଟାଇବା ପାଇଁ ଅବ୍ୟର୍ଥ ଔଷଧ ବୋଲି ଦାବିକରି କେନ୍ଦ୍ର ସରକାର ୩ଟି କୃଷି ଆଇନ୍ ପ୍ରଣୟନ କରିଛନ୍ତି। ବର୍ତ୍ତମାନ ଦେଖାଯାଉ ଏହି ଆଇନ୍ କ'ଣ ବାସ୍ତବରେ ଦେଶର ଚାଷୀକୂଳ ମୁହଁରେ ହସ ଫୁଟାଇବ ?

ପ୍ରଥମେ ଦେଖାଯାଉ ଏହି ଆଇନ୍ ୩ଟିରେ କି ଧରଣର ବ୍ୟବସ୍ଥା ରହିଛି। ସର୍ବପ୍ରଥମେ Farmer Produce Trade and Commerce (Promotion and Facilitation)Act ସମ୍ପର୍କରେ ଆଲୋଚନା କରାଯାଉ। ଏହି ଆଇନ୍‌ର ଶିରୋନାମରୁ ହିଁ ବୁଝି ହେଉଛି ଯେ ଆଇନ୍‌ଟି କୃଷକମାନେ ଉତ୍ପାଦନ କରୁଥିବା କୃଷିଜାତ ଦ୍ରବ୍ୟର ବ୍ୟବସାୟ ବାଣିଜ୍ୟକୁ ପ୍ରୋତ୍ସାହିତ କରିବା ଓ ଏହାର ପରିଚାଳନା ସମ୍ପର୍କିତ। ସୂଚନାଯୋଗ୍ୟ ଏହା ପୂର୍ବରୁ କୃଷିଜାତ ଦ୍ରବ୍ୟର ଖରିଦ୍ ବିକ୍ରିକୁ ନିୟନ୍ତ୍ରଣ କରିବା ପାଇଁ Agricultural Produce Marketing Committee (APMC)Act ବା ସଂକ୍ଷେପରେ APMC ଆଇନ୍ ରହିଥିଲା। ଏହି ଆଇନ୍ ଅନୁଯାୟୀ କୃଷିଜାତ ଦ୍ରବ୍ୟର ଖରିଦ୍ ବିକ୍ରି ପାଇଁ ବଜାର କମିଟିମାନ ରହିଥିଲା। ଏହି କମିଟିରେ ଚାଷୀମାନଙ୍କ ପ୍ରତିନିଧି ରହୁଥିଲେ ଏବଂ ପ୍ରତ୍ୟେକ ଜିଲ୍ଲାର ଜିଲ୍ଲାପାଳମାନେ ଏହି କମିଟିର ଅଧ୍ୟକ୍ଷ ଭାବରେ କାମ କରୁଥିଲେ। ସମଗ୍ର ଜିଲ୍ଲାରେ ଏହି କମିଟିର ଶାଖାମାନ ଗଠିତ ହେଉଥିଲା ଏବଂ ଏହି କମିଟି କୃଷିଜାତ ଦ୍ରବ୍ୟର ଦର ନିର୍ଦ୍ଧାରଣ କରିପାରୁଥିଲା। ତେବେ ସମାଜର ଅନ୍ୟାନ୍ୟ ସମସ୍ତ କ୍ଷେତ୍ରଭଳି ଏହି ବଜାର କମିଟି ଗୁଡ଼ିକୁ ବହୁଳାଂଶରେ ଜାଣିଶୁଣି ଅକାମୀ କରିଦିଆଯାଇଛି। ସରକାର ଓ ଜିଲ୍ଲା ପ୍ରଶାସନର ଗୋଚରରେ ଓ ପ୍ରୋତ୍ସାହନରେ ସରକାରୀ କର୍ମଚାରୀ- ଗାଁ ଟାଉଟର- ପଞ୍ଚାୟତର ସଦସ୍ୟ - ଶାସକ ଦଳର ନେତା ଏବଂ ବେପାରୀମାନେ ଏହି ଖରିଦ୍ ବିକ୍ରିକୁ କାର୍ଯ୍ୟତଃ ନିୟନ୍ତ୍ରଣ କରୁଛନ୍ତି। ଫଳରେ ଆଇନ୍‌ଗତ ବ୍ୟବସ୍ଥା ସତ୍ତ୍ୱେ ଚାଷୀମାନେ ନିଜର ଫସଲ ବିକ୍ରି କରିବାପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାଜ୍ୟର ସରକାରୀ ଧାନମଣ୍ଡି ଗୁଡ଼ିକର ପରିଚାଳନାକୁ ପାଖରୁ ଦେଖିଲେ ଯେକେହି ଏହାର ସତ୍ୟତା ଉପଲବ୍ଧି କରିପାରିବ। ଏହା ବ୍ୟତୀତ ସରକାର ସବୁ ପ୍ରକାର ଫସଲ ପାଇଁ ସର୍ବନିମ୍ନ ସହାୟକ ଦର ଘୋଷଣା କରନ୍ତି ନାହିଁ। ଆହୁରି ମଧ୍ୟ ସର୍ବନିମ୍ନ ସହାୟକ ଦର ଘୋଷଣା କରାଯାଉଥିବା ସମସ୍ତ ଫସଲକୁ ସରକାର ଖରିଦ୍ କରନ୍ତି ନାହିଁ। ଆମ ଦେଶରେ ମୁଖ୍ୟତଃ ଧାନ ଓ ଗହମ ହିଁ ସରକାର ଖରିଦ୍ କରନ୍ତି। ସେହିଭଳି ଆମ ସରକାର କେବଳ ଧାନ ଖରିଦ୍ କରନ୍ତି। କେବଳ ସେତିକି ନୁହେଁ ରାଜ୍ୟରେ ଉତ୍ପାଦିତ ହେଉଥିବା ସମସ୍ତ ଧାନ ସରକାର ଖରିଦ୍ କରନ୍ତି ନାହିଁ। ଗୋଟିଏ ନିର୍ଦ୍ଦିଷ୍ଟ ବର୍ଷ ସରକାର କେତେ ପରିମାଣର ଧାନ ଖରିଦ୍ କରିବେ ତାହା ପୂର୍ବରୁ ଘୋଷଣା କରିଦିଅନ୍ତି। ଫଳରେ ବିପୁଳ ପରିମାଣର ଧାନ ମଣ୍ଡି ବାହାରେ ସର୍ବନିମ୍ନ ସହାୟକ ଦରଠାରୁ କମ୍‌ଦାମରେ ପ୍ରତିବର୍ଷ ଚାଷୀମାନେ ବିକ୍ରି କରିବାକୁ ବାଧ୍ୟ ହୁଅନ୍ତି। ଏମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ମଧ୍ୟମ ଧରଣର ଚାଷୀ, ଭାଗଚାଷୀ, କ୍ଷୁଦ୍ର ଓ ନାମମାତ୍ର ଚାଷୀ। ଏକଥା ସମସ୍ତେ ଜାଣନ୍ତି। ସୁତରାଂ, ଏଥିରୁ ବୁଝି ହେଉଛି ଯେ AMPC ଆଇନ୍ ବଳବତ୍ତର ରହିବା ସତ୍ତ୍ୱେ ମଧ୍ୟ ଦେଶରେ ଉତ୍ପାଦିତ ହେଉଥିବା ଧାନ ସମେତ ବିଭିନ୍ନ ଧରଣର ଫସଲ ସରକାରୀ ନିର୍ଦ୍ଧାରିତ ଦରଠାରୁ ଯଥେଷ୍ଟକମ୍ ଦରରେ ଖୋଲା ବଜାରରେ ବିକ୍ରି ହୁଏ। ବହୁ ପ୍ରକାରର ଫସଲ ପାଇଁ ସରକାରୀ ନିର୍ଦ୍ଧାରିତ ଦର ନ ଥିବାରୁ ସେସବୁ କେଉଁଠି କେତେ ଦରରେ ବିକ୍ରି ହୁଏ ସେ ଖବର କାହାରି ପାଖରେ ନାହିଁ। ଅର୍ଥାତ୍ ଫସଲର ବ୍ୟାପକ ଅଭାବୀ ବିକ୍ରି ହୁଏ, ଚାଷୀ ତାର ଉତ୍ପାଦିତ ଫସଲର ଉପଯୁକ୍ତ ମୂଲ୍ୟ ପାଏ ନାହିଁ, ଆତ୍ମହତ୍ୟା କରେ। ଏସବୁ ସତ୍ୟ ହୋଇଥିଲେ ମଧ୍ୟ ଚାଷୀ ମାନଙ୍କର ସୁରକ୍ଷା ପାଇଁ କେତେକ ଆଇନ୍‌ଗତ ବ୍ୟବସ୍ଥା ଥିଲା। ସମ୍ମିଳିତ ଭାବରେ ସରକାରଙ୍କ ଉପରେ ଚାପ ପ୍ରୟୋଗ କରି ନିଜର ହକ୍ ଆଦାୟ ପାଇଁ ଚାଷୀର ସୀମିତ ହେଲେ ମଧ୍ୟ ସୁଯୋଗ ଥିଲା। ଆନ୍ଦୋଳନ ଫଳରେ ପର୍ଯ୍ୟାପ୍ତ ନ ହେଲେ ମଧ୍ୟ ମଝିରେ ମଝିରେ ଫସଲର ସର୍ବନିମ୍ନ ସହାୟକ ଦର ବୃଦ୍ଧି କରିବାକୁ ସରକାର ବାଧ ହେଉଥିଲେ। ମାତ୍ର ଏହି ଧରଣର ଇଚ୍ଛାକୃତ ଅବ୍ୟବସ୍ଥାକୁ ଦୂର କରିବାପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପରିବର୍ତ୍ତେ ସରକାର କୃଷିପଣ୍ୟ କାରବାରକୁ ଦଲାଲ ମୁକ୍ତ କରିବା ଆଳରେ ସମଗ୍ର ବ୍ୟବସ୍ଥାଟିକୁ ଉଚ୍ଛେଦ କରିଦେଲେ। APMC ଆଇନ୍ ବଦଳରେ ପ୍ରଣୟନ କରାଯାଇଥିବା ନୂଆ ଆଇନ୍ ଅନୁଯାୟୀ ଘରୋଇ କୃଷିପଣ୍ୟ ବ୍ୟବସାୟୀମାନେ ଦେଶର ଯେକୌଣସି ସ୍ଥାନରେ ନିଜର ଘରୋଇ ମଣ୍ଡି ସ୍ଥାପନ କରିପାରିବେ। କୃଷକ ମାନଙ୍କ ପାଖରୁ ବିନା ବାଧାରେ ଯେକୌଣସି ଦରରେ ଯେକୌଣସି ପରିମାଣର ଫସଲ ଖରିଦ୍ କରିପାରିବେ। ଠିକ୍ ସେହିଭଳି ଚାଷୀମାନେ ଦେଶର ଯେକୌଣସି ସ୍ଥାନକୁ ସେମାନଙ୍କର ଫସଲ ବିନା ବାଧାରେ ନେଇପାରିବେ ଓ ଯେକୌଣସି ଦରରେ ବିକ୍ରି କରିପାରିବେ। ସମଗ୍ର ଦେଶର ବଜାରକୁ ଫସଲ ସରବରାହ କ୍ଷେତ୍ରରେ ପୂର୍ବରୁ ଥିବା କଟକଣା ବର୍ତ୍ତମାନ ଉଠାଇ ଦିଆଗଲା। ଏହି ବ୍ୟବସ୍ଥା ଚାଷୀକୁ ବନ୍ଧନମୁକ୍ତ କରିଦେଲା ଏବଂ ଏହା ହିଁ ସରକାରଙ୍କର ଐତିହାସିକ ପଦକ୍ଷେପ ବୋଲି କେନ୍ଦ୍ର ସରକାର ପ୍ରଚାର ଚଳାଇଛନ୍ତି। ସରକାରଙ୍କର ପ୍ରଚାର ଅନୁଯାୟୀ ବର୍ତ୍ତମାନ ଚାଷୀ ଇଣ୍ଟରନେଟ୍ ସହାୟତାରେ ଦେଶର ବିଭିନ୍ନ ମଣ୍ଡିରେ ବିଭିନ୍ନ କୃଷିଜାତ ଦ୍ରବ୍ୟର ଦର ସମ୍ପର୍କରେ ଖବର ନେଇପାରିବ ଏବଂ ଚଢ଼ାଦରରେ ବିକ୍ରି ହେବାର ସୁଯୋଗ ଥିବା ସ୍ଥାନକୁ ନିଜର ଫସଲ ନେଇ ବିକ୍ରି କରିପାରିବ। ଏହା ହିଁ ହେଉଛି ବହୁ ପ୍ରଚାରିତ "ଗୋଟିଏ ଦେଶ ଗୋଟିଏ ବଜାର" ବ୍ୟବସ୍ଥା। ଏହି ବ୍ୟବସ୍ଥା ଫଳରେ ଚାଷୀ ଆଉ କମ୍ ଦରରେ ସ୍ଥାନୀୟ ବଜାରରେ ନିଜ ଫସଲ ବିକ୍ରିକରି କ୍ଷତିଗ୍ରସ୍ତ ହେବାକୁ ବାଧ ହେବ ନାହିଁ ବୋଲି ସରକାର ଦାବି କରୁଛନ୍ତି।

ତେବେ ଦେଶର, ବିଶେଷକରି ଆମ ରାଜ୍ୟର କୃଷି ବ୍ୟବସ୍ଥା ସମ୍ପର୍କରେ ସାମାନ୍ୟ ଧାରଣା ଥିବା ଯେକୌଣସି ଲୋକ ସରକାରଙ୍କର ଏହିଧରଣର ହାସ୍ୟାସ୍ପଦ ଯୁକ୍ତିର ଅସାରତା ଖୁବ୍ ସହଜରେ ବୁଝିପାରିବେ। ଆମ ରାଜ୍ୟରେ ଚାଷୀମାନଙ୍କ ମଧ୍ୟରୁ ଶତକଡ଼ା ୮୦ ଭାଗ ହେଉଛନ୍ତି କ୍ଷୁଦ୍ର ଚାଷୀ, ନାମମାତ୍ର ଚାଷୀ, ଭାଗ ଚାଷୀ ଓ ମଧ୍ୟମ ଧରଣର ଚାଷୀ। ଏହି ଚାଷୀମାନେ ହିଁ ସବୁଠାରୁ ଦୟନୀୟ ସ୍ଥିତିରେ ରହିଛନ୍ତି। ଏହି ଚାଷୀମାନେ ଉତ୍ପାଦନ କରୁଥିବା ଫସଲରୁ ବର୍ଷସାରା ଖାଇବାପାଇଁ ସଂଚୟ କରିବାପରେ ଯାହା ଉଦ୍‌ବୃତ୍ତ ହୁଏ ସେତିକି ବିକ୍ରିକରି ଅନ୍ୟାନ୍ୟ ଖର୍ଚ୍ଚ ତୁଲାନ୍ତି। ସୁତରାଂ, ଲାଭଜନକ ସରକାରୀ ଦରରେ, ଘର ପାଖରେ ସୁରୁଖୁରୁରେ ଫସଲ ବିକ୍ରିକରିବାର ସୁଯୋଗ ହିଁ ଏମାନଙ୍କ ପାଇଁ ବଞ୍ଚିବାର ଏକମାତ୍ର ରାସ୍ତା। ଏହି ଚାଷୀମାନଙ୍କୁ ଇଣ୍ଟରନେଟ୍ ସାହାଯ୍ୟରେ ଦେଶସାରା ବଜାରଦର ଦେଖି ସେସବୁ ଜାଗାରେ ଫସଲ ବିକ୍ରି କରିବା ପାଇଁ ଉପଦେଶ ଦେବା ସେମାନଙ୍କୁ ଉପହାସ କରିବା ବ୍ୟତୀତ ଅନ୍ୟ କିଛି ନୁହେଁ। ଓଡ଼ିଶାର କୌଣସି ଉପାନ୍ତ ଅଞ୍ଚଳର ଜଣ ଚାଷୀ ତାର ଉଦ୍‌ବୃତ୍ତ ୫/୭ କ୍ୱିଣ୍ଟାଲ ଧାନକୁ ଚେନ୍ନାଇ ବା ମୁମ୍ବାଇ ବା ଚଣ୍ଡୀଗଡ଼ର ମଣ୍ଡିରେ ଲାଭଜନକ ଦରକରେ ବିକ୍ରି କରିପାରିବା ଅସମ୍ଭବ। ମାତ୍ର ସରକାର ବର୍ତ୍ତମାନ ଚାଷୀକୁ ଏହି ସୁଯୋଗ ଦେଇ କୃଷି କ୍ଷେତ୍ରରେ ବିପ୍ଳବ ଆଣିଛନ୍ତି ବୋଲି ଦାବି କରୁଛନ୍ତି।

ତେବେ ଏହି ଆଇନ୍ ବଡ଼ ବଡ଼ ଚାଷୀ ଓ କର୍ପୋରେଟ କମ୍ପାନୀମାନଙ୍କ ପାଇଁ ଲାଭଦାୟକ ହେବ। ଭୂସଂସ୍କାର ଆଇନ୍‌ର ଗଳାବାଟରେ ବହୁ ବଡ଼ ବଡ଼ ଜମି ମାଲିକ ସେମାନଙ୍କର ଜମିର ମାଲିକାନା ବଜାୟ ରଖିପାରିଛନ୍ତି। ପୁଣି ୧୯୯୧ ମସିହାରେ ଦେଶରେ ଖୋଲା ବଜାର ଅର୍ଥନୀତି ଲାଗୁ ହେବାପରେ ପୂର୍ବରୁ ଥିବା ଜମିର ସର୍ବୋଚ୍ଚ ସୀମା ଆଇନ୍ ବା ଜମି ସିଲିଂ ଆଇନ୍ ଉଠାଇ ଦିଆଯାଇଛି। ଏହି ସୁଯୋଗରେ ବହୁ ବିତ୍ତଶାଳୀ ଲୋକ ଓ ବଡ଼ ବଡ଼ କର୍ପୋରେଟ୍ ହାଉସ୍‌ମାନେ ପ୍ରଚୁର ଭୂସମ୍ପତ୍ତିର ମାଲିକ ହୋଇପାରିଛନ୍ତି। ବଜାର ସଙ୍କଟ ଫଳରେ ଶିଳ୍ପ କ୍ଷେତ୍ରରେ ଦେଖାଦେଇଥିବା ମାନ୍ଦାବସ୍ଥା ଯୋଗୁ ଏକଚାଟିଆ ପୁଞ୍ଜିପତିମାନଙ୍କର ଅଳସ ପୁଞ୍ଜି ବର୍ତ୍ତମାନ କୃଷିକ୍ଷେତ୍ରରେ ପ୍ରବେଶ କରୁଛି ଏବଂ କୃଷିକ୍ଷେତ୍ରରେ କର୍ପୋରେଟ୍ କରଣ ଘଟୁଛି।

*(ଅବଶିଷ୍ଟାଂଶ ପଞ୍ଚମ ପୃଷ୍ଠାରେ)*

## ଛାତ୍ର-ଅଧାପକ-କର୍ମଚାରୀ ବିରୋଧୀ ତଥା ବିଶ୍ୱବିଦ୍ୟାଳୟ ସ୍ୱାତନ୍ତ୍ର୍ୟ ହରଣକାରୀ

# ଓଡିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଆଇନ୍ ୨୦୨୦ ପ୍ରତ୍ୟାହାର କର

କରୋନା ସଂକ୍ରମଣର କ୍ରମବର୍ଦ୍ଧିଷ୍ଣୁ ଭୟାବହତା ମଧ୍ୟରେ ରାଜ୍ୟ ବିଜେଡ଼ି ସରକାର କେନ୍ଦ୍ର ବିଜେପି ସରକାରଙ୍କ ପଦାଙ୍କ ଅନୁସରଣ କରି ଗତ ସେପ୍ଟେମ୍ବର ୩ ତାରିଖ ଦିନ ଓଡିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅଧ୍ୟାଦେଶ ୨୦୨୦କୁ ରାଜ୍ୟ କ୍ୟାବିନେଟ୍‌ରେ ଅନୁମୋଦନ କରିଥିଲେ। ସବୁଠାରୁ ଆଶ୍ଚର୍ଯ୍ୟର କଥା କ୍ୟାବିନେଟ୍ ମଂଜୁରୀର ଦୁଇ ଦିନ ଭିତରେ ରାଜ୍ୟପାଳଙ୍କ ତ୍ୱରିତ ଦସ୍ତଖତ ପରେ ଗେଜେଟ୍ ନୋଟିଫିକେସନ କରାଯାଇ ଏହାକୁ କାର୍ଯ୍ୟକ୍ଷମ କରାଯାଇଥିଲା। ଗେଜେଟ୍ ନୋଟିଫିକେସନ ପର ଦିନ ଓଡିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅଧ୍ୟାଦେଶ ଅଧାରରେ ୫ଟି ବିଶ୍ୱବିଦ୍ୟାଳୟରେ ହେବାକୁ ଥିବା କୁଳପତି ନିଯୁକ୍ତି କରିବା ପାଇଁ ରାଜ୍ୟପାଳ ଅଫିସକୁ ଚିଠି ଲେଖାଯାଇଥିଲା। ରାଜ୍ୟ ସରକାର ମଧ୍ୟ ରାତାରାତି ଏହି ଅଧ୍ୟାଦେଶକୁ କାର୍ଯ୍ୟକାରୀ କରି ପୂର୍ବରୁ କୁଳପତି ନିଯୁକ୍ତି ପାଇଁ ଯେଉଁ ବିଜ୍ଞପ୍ତି ବାହାରି ଥିଲା ତାହାର ସମୟସୀମା ବୃଦ୍ଧି କରିଥିଲେ। ବିଶ୍ୱବିଦ୍ୟାଳୟମାନଙ୍କରେ କୁଳପତି ଚୟନ ପ୍ରକ୍ରିୟାରେ ରାଜ୍ୟ ସରକାରଙ୍କ ପ୍ରତିନିଧି ମାନଙ୍କୁ ମଧ୍ୟ ସାମିଲ କରାଯାଇଛି ଏବଂ ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଚାଲିଥିବା ଅଧ୍ୟାପକ ନିଯୁକ୍ତି ପ୍ରକ୍ରିୟାକୁ ବନ୍ଦ କରିବା ଭଳି ପଦକ୍ଷେପ ମାନ ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଛି। ତେବେ ଏଠାରେ ପ୍ରଶ୍ନ ଉଠେ କରୋନା ସଂକ୍ରମଣ କାଳରେ, ଯେତେବେଳେ ଓଡିଶାର ସମସ୍ତ ଶିକ୍ଷାନୁଷ୍ଠାନ ଗତ ମାର୍ଚ୍ଚ ଶେଷ ସପ୍ତାହରୁ ବନ୍ଦ ରହିଛି ଓ ଶିକ୍ଷାଦାନ ପ୍ରକ୍ରିୟାକୁ ଅନଲାଇନ ମାଧ୍ୟମରେ ଚଳାଇ ରଖିବା ପାଇଁ ଶିକ୍ଷକ ଓ ଛାତ୍ର ନାକେଦମ ହେଉଛନ୍ତି, ଜନସାଧାରଣ ଭୟ, ଆତଙ୍କ ମଧ୍ୟ ଦେଇ ଗତିକରୁଛନ୍ତି, ସେତେବେଳେ ଏହିଭଳି ଏକ ଅଧ୍ୟାଦେଶ ଆଣିବାର କଣ ଜରୁରୀ ଆବଶ୍ୟକତା ଥିଲା ?

ବହୁ ତ୍ରୁଟି ସତ୍ତ୍ୱେ ଓଡିଶା ବିଶ୍ୱବିଦ୍ୟାଳୟ ଆଇନ୍ ୧୯୮୯ରେ ରାଜ୍ୟର ବିଶ୍ୱବିଦ୍ୟାଳୟ ମାନଙ୍କର ଯାହାବି ସ୍ୱାୟତ୍ତତା ରହିଥିଲା ବର୍ତ୍ତମାନର ଅଧ୍ୟାଦେଶ ଜରିଆରେ ତାହାକୁ ସମ୍ପୂର୍ଣ୍ଣ ହରଣ କରାଯାଇଛି। କୁଳପତି, ରେଜିଷ୍ଟ୍ରାର, ସିଣ୍ଡିକେଟ୍ ତଥା ଏକାଡେମିକ୍ କାଉନ୍‌ସିଲ୍‌ର କ୍ଷମତା ଓ ଭୂମିକାକୁ ସଂକୁଚିତ କରାଯାଇ ବିଶ୍ୱବିଦ୍ୟାଳୟକୁ ଆଉ ଗୋଟିଏ ମାମୁଲି ସରକାରୀ ବିଭାଗରେ ପରିଣତ କରାଯାଇଛି। ବିଶ୍ୱବିଦ୍ୟାଳୟ ପରିଚାଳନାରେ ସରକାରଙ୍କ ନିୟନ୍ତ୍ରଣ ଓ ପ୍ରଭାବ ବିସ୍ତାର ପାଇଁ ଉଦ୍ଦିଷ୍ଟ ଏହି ଅଧ୍ୟାଦେଶକୁ ସାରା ରାଜ୍ୟର ଛାତ୍ର, ଅଧ୍ୟାପକ, ବୁଦ୍ଧିଜୀବୀ ତଥା ଶିକ୍ଷାବିତମାନେ ଦୃଢ ବିରୋଧ କରୁଥିଲେ ମଧ୍ୟ ସରକାର ନିଜର ନିଷ୍ପତ୍ତିରେ ଅଟଳ ଅଛନ୍ତି। ଶେଷରେ ରାଜ୍ୟ ସରକାର ସମସ୍ତ ପ୍ରକାର ଗଣତାନ୍ତ୍ରିକ ରିତିନୀତିକୁ ବେଖାତିର କରି ଏବଂ ସମସ୍ତ ବିରୋଧକୁ ଉପେକ୍ଷା କରି ସଂଖ୍ୟା ବଳରେ ଅତ୍ୟନ୍ତ ଅଗଣତାନ୍ତ୍ରିକ ଭାବେ ଗତ ଅକ୍ଟୋବର ୬ତାରିଖ ଦିନ ବିଧାନସଭାରେ ଏହାକୁ ଗୃହୀତ କରାଇଛନ୍ତି। ଇତି ମଧ୍ୟରେ ଏହା ଆଇନ୍‌ରେ ପରିଣତ ହୋଇଛି।

ବିଶ୍ୱବିଦ୍ୟାଳୟକୁ ସବୁବେଳେ ମୁକ୍ତ ଚିନ୍ତାର ଅବାଧ ବିକାଶ ଓ ଆଦାନ-ପ୍ରଦାନର କେନ୍ଦ୍ର ଭାବରେ ବିଚାର କରାଯାଏ। ସେହି କାରଣରୁ ସରକାରୀ ପ୍ରଭାବରୁ ମୁକ୍ତ ବିଶ୍ୱବିଦ୍ୟାଳୟର ପରିକଳ୍ପନା ହେଉଛି ନବଜାଗରଣ ଆନ୍ଦୋଳନର ଅଙ୍ଗ। ପୁଣି ବିଶ୍ୱବିଦ୍ୟାଳୟ ହେଉଛି ଶିକ୍ଷା ବ୍ୟବସ୍ଥାର ସର୍ବୋଚ୍ଚ ସ୍ତର। ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଉଚ୍ଚଶିକ୍ଷା ଲାଭ କରିବା ସହିତ ଗବେଷଣା କାର୍ଯ୍ୟ ମଧ୍ୟ କରନ୍ତି। ଆମ ଦେଶରେ ମୁଖ୍ୟତଃ ଦୁଇ ପ୍ରକାର ବିଶ୍ୱବିଦ୍ୟାଳୟ ରହିଛି। ପ୍ରଥମତଃ ଏକକ ବିଶ୍ୱବିଦ୍ୟାଳୟ ଯାହାର କୌଣସି ଅନୁବନ୍ଧିତ ଶିକ୍ଷାନୁଷ୍ଠାନ ନ ଥାଏ। ଦ୍ୱିତୀୟତଃ ଅନୁବନ୍ଧନ କରୁଥିବା ବିଶ୍ୱବିଦ୍ୟାଳୟ, ଯାହା ସହିତ ବହୁ ମହାବିଦ୍ୟାଳୟ ଅନୁବନ୍ଧିତ ହୋଇ ରହିଥାନ୍ତି। ଅର୍ଥାତ୍ ଅନୁବନ୍ଧିତ ଶିକ୍ଷାନୁଷ୍ଠାନଗୁଡ଼ିକର ପରୀକ୍ଷା ପରିଚାଳନା, ପାଠପଢ଼ା ଓ ପାଠ୍ୟକ୍ରମ ପ୍ରସ୍ତୁତି, ଖାତାଦେଖା ଏହି ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ହୁଏ। ଏ ସମସ୍ତ କାର୍ଯ୍ୟକଳାପକୁ ପରିଚାଳନା କରିବା ପାଇଁ ବିଶ୍ୱବିଦ୍ୟାଳୟର ଜଣେ କୁଳପତି ଓ ତାଙ୍କ ସହିତ ସିନେଟ, ସିଣ୍ଡିକେଟ, ଏକାଡ଼େମିକ କାଉନ୍‌ସିଲ ଥାଏ। ବିଶ୍ୱବିଦ୍ୟାଳୟମାନଙ୍କରେ ସିନେଟ, ସିଣ୍ଡିକେଟ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ବିଭିନ୍ନ ସ୍ତରର ବହୁ ପ୍ରତିଷ୍ଠିତ ବୁଦ୍ଧିଜୀବୀ, ଛାତ୍ର ପ୍ରତିନିଧି, ଅଭିଭାବକ, ସାମାଜିକ କର୍ମୀ ଏପରିକି ଜନପ୍ରତିନିଧି ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚିତ ହୋଇ ଏସବୁର ସଦସ୍ୟ ହୋଇଥାନ୍ତି। ଏମାନଙ୍କ ପରାମର୍ଶକ୍ରମେ ପାଠ୍ୟକ୍ରମ ପରିକଳ୍ପନା, ଶିକ୍ଷାଦାନ ରୀତି, ପରୀକ୍ଷା ପଦ୍ଧତି, ମୂଲ୍ୟାୟନ, ଶିକ୍ଷାନୁଷ୍ଠାନର ସମସ୍ତ ଖର୍ଚ୍ଚର ବଜେଟ୍ ପ୍ରସ୍ତୁତ କରିବା ଇତ୍ୟାଦି ସମସ୍ତ ପ୍ରକାର ଶିକ୍ଷାଗତ ଓ ପ୍ରଶାସନିକ କାର୍ଯ୍ୟ ନିର୍ବାହ ହୁଏ। ଗଣତାନ୍ତ୍ରିକ ଶିକ୍ଷାର ଅବଧାରଣା ଅନୁଯାୟୀ ସରକାର ସେ ରାଜ୍ୟ ହେଉ ବା କେନ୍ଦ୍ର ହେଉ ଶିକ୍ଷା ପରିଚାଳନାରେ କୌଣସି ପ୍ରକାର ହସ୍ତକ୍ଷେପ କରିବେ ନାହିଁ। ସରକାର କେବଳ ସମସ୍ତ ପ୍ରକାର ଆର୍ଥିକ ଦାୟିତ୍ୱ ନିର୍ବାହ କରିବେ। ମାତ୍ର ଆମେ ସ୍ୱାଧୀନତା ପରଠାରୁ ଲକ୍ଷ୍ୟ କରୁଛୁ ଯେ କ୍ରମାଗତଭାବେ ଏହି ଗଣତାନ୍ତ୍ରିକ ଶିକ୍ଷାର ମୂଳ ଅବଧାରଣା ଉପରେ ଆକ୍ରମଣ ଚାଲିଛି। ଆର୍ଥିକ ଅନୁଦାନର ପ୍ରତିବଦଳରେ ବିଭିନ୍ନ ଦଳର ସରକାର ଶାସକ ଶ୍ରେଣୀ ସ୍ୱାର୍ଥରେ ଶିକ୍ଷାକୁ ସମ୍ପୂର୍ଣ୍ଣ କର୍ତ୍ତୃତ୍ୱାଧିନ କରିବାକୁ ୟୁଜିସି, ଏଆଇସିଟିଇ, ଏନସିଟିଇ ଇତ୍ୟାଦି କେନ୍ଦ୍ରୀୟ ସଂସ୍ଥା ଜରିଆରେ ଚେଷ୍ଟା କରୁଛନ୍ତି। ସେହି କ୍ରମରେ ରାଜ୍ୟ ସରକାର ୧୯୮୯ ମସିହାରେ ବିଶ୍ୱବିଦ୍ୟାଳୟର ସ୍ୱାତନ୍ତ୍ର୍ୟକୁ ଧ୍ୱଂସ କରି ବିଭିନ୍ନ କ୍ଷେତ୍ରରେ ସରକାରୀ ହସ୍ତକ୍ଷେପ ବୃଦ୍ଧି କରିବା ପାଇଁ ବିଧାନସଭାରେ ଏକ ସଂଶୋଧନ ବିଲ ଉପସ୍ଥାପନ କରିଥିଲେ। ମାତ୍ର ସେ ସମୟରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ)ର ବିଧାୟକ କମ୍ରେଡ୍ ଶମ୍ଭୁନାଥ ନାଏକ ଏହି ବିଲ୍ ଉପରେ ୨୨ଟି ସଂଶୋଧନ ପ୍ରସ୍ତାବ ଆଗତ କରି ଅନ୍ୟମାନଙ୍କୁ ଏହା ଉପରେ ଆଲୋଚନା କରିବାକୁ ବାଧ୍ୟ କରିଥିଲେ। ଯାହାଫଳରେ ସେଦିନ ରାତି ସାରା ବିଧାନସଭା ଚାଲିଥିଲା ଏବଂ ଉକ୍ତ ୨୨ଟି ସଂଶୋଧନ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। ସରକାରଙ୍କ ଦ୍ୱାରା ଅଣାଯାଇଥିବା ବିଶ୍ୱବିଦ୍ୟାଳୟ ସଂଶୋଧନ ଆଇନ୍ ରଦ୍ଦ ହୋଇ ଶେଷରେ ୧୯୮୯ ବିଶ୍ୱବିଦ୍ୟାଳୟ ଆଇନ୍ ପ୍ରଣୟନ କରାଯାଇଥିଲା। ଆଂଶିକ ଭାବରେ ହେଲେ ମଧ୍ୟ ବିଶ୍ୱବିଦ୍ୟାଳୟ ମାନଙ୍କର ସ୍ୱାତନ୍ତ୍ର୍ୟ ରକ୍ଷା ପାଇଥିଲା। ମାତ୍ର ବର୍ତ୍ତମାନ ରାଜ୍ୟ ସରକାର ପୁନର୍ବାର ଆଇନ୍ ସଂଶୋଧନ କରି ବିଶ୍ୱବିଦ୍ୟାଳୟର ସ୍ୱାତନ୍ତ୍ର୍ୟ ଅପହରଣ କରିବାକୁ ଉଦ୍ୟମ କରୁଛନ୍ତି। ୧୯୮୯ ବିଶ୍ୱବିଦ୍ୟାଳୟ ଆଇନ୍‌ର କେଉଁ କେଉଁ ଧାରାରେ ପରିବର୍ତ୍ତନ କରି ବର୍ତ୍ତମାନର ସଂଶୋଧନ ଅଧ୍ୟାଦେଶ ସରକାର ଆଣିଛନ୍ତି ତାହା ଉପରେ ଆଲୋଚନା କରାଯାଉ।

**୧) କୁଳାଧିପତି** – ମୂଳ ଆଇନ ୧୯୮୯ରେ କୁଳାଧିପତି ବିଶ୍ୱବିଦ୍ୟାଳୟର ଶିକ୍ଷକ ଓ ଅଣଶିକ୍ଷକ ପଦବୀ ସୃଷ୍ଟି କରିବା, ସେମାନଙ୍କର ଦରମା ଓ ଭତ୍ତା ସ୍ଥିର କରିବାର ବ୍ୟବସ୍ଥା ଥିଲା। ମାତ୍ର ବର୍ତ୍ତମାନର ଆଇନ୍ ଅନୁଯାୟୀ କୁଳାଧିପତିଙ୍କର ଏହି କ୍ଷମତାକୁ କାଢି ନିଆଯାଇଛି। ଏବେଠାରୁ ଏହି ପଦବୀ ଇତ୍ୟାଦିର ସୃଷ୍ଟି କେବଳ ରାଜ୍ୟ ସରକାର ହିଁ କରିବେ, ଏହା ଅଧ୍ୟାଦେଶର ପାରାଗ୍ରାଫ ୧୫ରେ ଉଲ୍ଲେଖ ହୋଇଛି । ମୂଳ ଆଇନରେ କୁଳାଧିପତିଙ୍କ କ୍ଷମତା ଥିଲା (ଧାରା ୬ର ଉପଧାରା ୩) ଯେ ସେ କୁଳପତି ଚୟନ କମିଟିରେ ସଭ୍ୟ ଭାବେ ଜଣକୁ ମନୋନୀତ କରିବେ ଓ ଏଥିପାଇଁ କାହାକୁ ମନୋନୀତ କରିବେ ତା ଉପରେ କୌଣସି ଅଙ୍କୁଶ ନଥିଲା । କିନ୍ତୁ ଏହି ଆଇନ୍ ଅନୁସାରେ କୁଳାଧିପତି ଜଣେ ଅବସରପ୍ରାପ୍ତ ସରକାରୀ ଅଫିସର ମନୋନୀତ କରିବାକୁ ବାଧ୍ୟ, ଯାହାଙ୍କର ର୍ୟାଙ୍କ ରାଜ୍ୟର ମୁଖ୍ୟ ଶାସନ ସଚିବ ବା ଭାରତ ସରକାରଙ୍କର ସଚିବ ବା ତତ୍ତୁଲ୍ୟ ପଦବୀ ହୋଇଥିବ। ମୂଳ ଆଇନରେ କୁଳାଧିପତିଙ୍କର କ୍ଷମତା ଥିଲା (ଧାରା ୫ର ଉପଧାରା ୫) ସେ ଚାହିଁଲେ ବିଶ୍ୱବିଦ୍ୟାଳୟ ପରିଚାଳନା ସମ୍ପର୍କରେ ଯେ କୌଣସି ପ୍ରକାର ତଦନ୍ତ କରି ପାରିବେ ବା କରାଇପାରିବେ । କିନ୍ତୁ ଏହି ସଂଶୋଧନ ଅନୁସାରେ ଯଦି ରାଜ୍ୟ ସରକାର ଏପରି ତଦନ୍ତ ଚାହାନ୍ତି ତାହାହେଲେ କୁଳାଧିପତି ଏହା କରାଇବେ । ମୂଳ ଆଇନରେ କୁଳାଧିପତିଙ୍କ ଦ୍ୱାରା ବିଶ୍ୱବିଦ୍ୟାଳୟର କୁଳସଚିବ ନିଯୁକ୍ତି (ଧାରା୭ର ଉପଧାରା୧) ଉପରେ କୌଣସି ଅଙ୍କୁଶ ନ ଥିଲା । କିନ୍ତୁ ବର୍ତ୍ତମାନର ଆଇନ୍ ଦ୍ୱାରା କଟକଣା ଲଗାଇ ଦିଆଗଲା ଯେ ସେ ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ଯୁଗ୍ମ ଶାସନ ସଚିବ ର୍ୟାଙ୍କରୁ କମ ହୋଇନଥିବା ତିନିଜଣ ଅଫିସରଙ୍କ ମଧ୍ୟରୁ ଜଣକୁ ନିଯୁକ୍ତି କରିବେ ।

୨) **କୁଳପତି** – ପୂର୍ବରୁ କୁଳପତି ହିଁ ବିଶ୍ୱବିଦ୍ୟାଳୟମାନଙ୍କରେ ଅଧ୍ୟାପକ ଚୟନ କମିଟିର ଅଧ୍ୟକ୍ଷତା କରୁଥିଲେ। ମାତ୍ର ଏହି ଆଇନ୍ ଦ୍ୱାରା ଏପରି ଦାୟିତ୍ୱରୁ କୁଳପତିଙ୍କୁ ବଂଚିତ କରାଯାଇଛି । ଆଇନ୍‌ରେ ବିଶ୍ୱବିଦ୍ୟାଳୟ ଅଧ୍ୟାପକ ଚୟନ ବିଶ୍ୱବିଦ୍ୟାଳୟ କ୍ଷମତା ପରିସରରୁ କାଢି ନିଆଯାଇ ଓଡିଶା ପବ୍ଲିକ ସର୍ଭିସ କମିଶନ ହାତରେ ନ୍ୟସ୍ତ କରାଯାଇଛି। ବିଶ୍ୱବିଦ୍ୟାଳୟ ଅଧ୍ୟାପକ ଚୟନ ସମ୍ପର୍କିତ ମୂଳ ଆଇନର ଧାରା ୨୧କୁ ସଂପୂର୍ଣ୍ଣ ଭାବରେ ଏହି ଆଇନ୍ ବଳରେ ବଦଳାଇ ଦିଆଯାଇଛି। ଏହା ସ୍ଥାନରେ ଓଡିଶା ଲୋକ ସେବା ଆୟୋଗ (ପବ୍ଲିକ ସର୍ଭିସ କମିଶନ) କିପରି ଅଧ୍ୟାପକ ଚୟନ କରିବ ତାର ବିଶଦ ବର୍ଣ୍ଣନା କରାଯାଇଛି। ଅର୍ଥାତ ସଂଶୋଧନ ଦ୍ୱାରା କୁଳପତିଙ୍କ କ୍ଷମତା ଏବଂ ଗଣତାନ୍ତ୍ରିକ ପରିଚାଳନା ପରିସରକୁ ସଂକୁଚିତ କରାଯାଇଛି। କୁଳପତିମାନଙ୍କୁ ସରକାରଙ୍କ ନିର୍ଦ୍ଦେଶରେ କାମ କରିବାକୁ ବାଧ୍ୟ କରାଯାଉଛି।

**୩) ସିନେଟ୍ ଉଚ୍ଛେଦ** – ଉକ୍ତ ଆଇନ୍ ବଳରେ ସିନେଟ୍‌କୁ ଉଚ୍ଛେଦ କରାଯାଇ ବିଶ୍ୱବିଦ୍ୟାଳୟଗୁଡିକୁ ସିନେଟ୍‌ମୁକ୍ତ ବିଶ୍ୱବିଦ୍ୟାଳୟରେ ପରିଣତ କରାଯାଇଛି। ବିଶ୍ୱବିଦ୍ୟାଳୟ ପରିଚାଳନା ଓ ନୀତି ନିର୍ଦ୍ଧାରଣ ପାଇଁ ସିନେଟ୍ ଏକ ଗଣତାନ୍ତ୍ରିକ ଅନୁଷ୍ଠାନ। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ, ପ୍ରଫେସର, ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା କଲେଜମାନଙ୍କର ପ୍ରିନସିପାଲ, ଛାତ୍ର ପ୍ରତିନିଧି ଏବଂ ସମାଜର ପ୍ରତିଷ୍ଠିତ ବ୍ୟକ୍ତି ବିଶେଷମାନେ ସିନେଟକୁ ନିର୍ବାଚିତ ହୋଇଥାନ୍ତି। ସିନେଟ ବିଶ୍ୱବିଦ୍ୟାଳୟ ପରିଚାଳନାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ସିନେଟର ଉଚ୍ଛେଦ ଫଳରେ ଯେତିକି ଗଣତାନ୍ତ୍ରିକ ପରିବେଶ ବଞ୍ଚିରହିଥିଲା ତାହା ଧ୍ୱଂସ ହେବ ଏବଂ ସମସ୍ତ ନିଷ୍ପତ୍ତି ଅମଲାତାନ୍ତ୍ରିକ ପ୍ରକ୍ରିୟାରେ ଗ୍ରହଣ କରାଯିବ। ଗଣତାନ୍ତ୍ରିକ ଶିକ୍ଷାର ଏହା ସମ୍ପୂର୍ଣ୍ଣ ପରିପନ୍ଥୀ। ଦୀର୍ଘ ବର୍ଷ ଧରି ସିନେଟଗୁଡିକ କାହିଁକି ଅଚଳ ଥିଲା ତାର କାରଣ ନିର୍ଦ୍ଧାରଣ ନ କରି ଏହାକୁ ଉଚ୍ଛେଦ କରିବା ପଛରେ ଏକ ମନ୍ଦ ଉଦ୍ଦେଶ୍ୟ ରହିଛି। ଏପରିକି ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ନିୟମାବଳୀ ଅନୁଯାଇ, "ସିନେଟର କାର୍ଯ୍ୟ କେବଳ ଷ୍ଟାଚ୍ୟୁଟ ପ୍ରଣୟନ କରିବା ନୁହେଁ। ଏହା ମଧ୍ୟ ଏକ ସମାଜିକ ମଂଚ (social forum)ର ଦାୟିତ୍ୱ ନିର୍ବାହ କରେ ଯେଉଁଠାରେ ବିଶ୍ୱବିଦ୍ୟାଳୟ କାର୍ଯ୍ୟର ସମୀକ୍ଷା ଓ ମୂଲ୍ୟାଙ୍କନ ହୁଏ । ସିନେଟ ବିଶ୍ୱବିଦ୍ୟାଳୟ ପ୍ରଶାସନର ଗଣତାନ୍ତ୍ରିକୀକରଣର ପରିପ୍ରକାଶ ଓ ବିଶ୍ୱବିଦ୍ୟାଳୟ ପରିଚାଳନାରେ ସମାଜିକ ଅଂଶଗ୍ରହଣର ପରିପ୍ରକାଶ ।" କୁହାଯାଇପାରେ ଯେ ସିନେଟ ହେଉଛି ଏକ ଖୋଲା ମଂଚ, ବିଶ୍ୱବିଦ୍ୟାଳୟ ସମ୍ପର୍କରେ ସମାଜ କଣ ଭାବୁଛି ତାହାର ଅଭିବ୍ୟକ୍ତି ଆମେ ଏଠାରେ ଦେଖିବାକୁ ପାଇଥାଉ । ମାତ୍ର ଆଜି ଏହିଭଳି ଏକ ଗଣତାନ୍ତ୍ରିକ ବଡିକୁ ଧ୍ୱଂସ କରି ଉଚ୍ଚଶିକ୍ଷା କ୍ଷେତ୍ରରେ ଏକ କଳା ଅଧ୍ୟାୟ ରାଜ୍ୟ ସରକାର ଆରମ୍ଭ କରିଛନ୍ତି।

**୪) ଅଧ୍ୟାପକ ଓ କର୍ମଚାରୀ ନିଯୁକ୍ତି** – ନୂତନ ଆଇନ୍ ଅନୁସାରେ ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ, ପ୍ରଫେସର ନିଯୁକ୍ତି ଓଡିଶା ପବ୍ଲିକ ସର୍ଭିସ୍ କମିଶନ ଏବଂ କର୍ମଚାରୀ ନିଯୁକ୍ତି ସର୍ଭିସ ସିଲେକ୍ସନ ବୋର୍ଡ ଦ୍ୱାରା କରାଯିବ। ପୂର୍ବରୁ ବିଶ୍ୱବିଦ୍ୟାଳୟ ନିଜେ ଏହି ନିଯୁକ୍ତି ପ୍ରକ୍ରିୟା ସମ୍ପନ୍ନ କରୁଥିଲା। ସିଣ୍ଡିକେଟ୍‌ର ଅନୁମୋଦନକ୍ରମେ ସାକ୍ଷାତକାର ପାଇଁ କୁଳପତି ବିଭିନ୍ନ ବିଷୟର ବିଶେଷଜ୍ଞ ମାନଙ୍କୁ ଡାକୁଥିଲେ। ଏହି ସାକ୍ଷାତକାରରେ ରାଜ୍ୟପାଳଙ୍କ ପ୍ରତିନିଧି ଓ ଉଚ୍ଚ ଶିକ୍ଷା ବିଭାଗର ପ୍ରତିନିଧି ଉପସ୍ଥିତି ରହୁଥିଲେ। ବିଶ୍ୱବିଦ୍ୟାଳୟର ଆବଶ୍ୟକତା ଅନୁସାରେ ଯୋଗ୍ୟ ଓ ନେତୃତ୍ୱ ଦେଇପାରୁଥିବା ଅଧ୍ୟାପକମାନଙ୍କୁ ନିଯୁକ୍ତି ଦେବାର ସୁଯୋଗ ଥିଲା। ଯେଉଁମାନେ ନିଯୁକ୍ତି ପାଉଥିଲେ ସେମାନେ କୁଳପତିଙ୍କ ନିକଟରେ ଉତ୍ତରଦାୟୀ ଥିଲେ। ମାତ୍ର ନୂଆ ନିଯୁକ୍ତି ନିୟମରେ ବହୁ ବିଶୃଙ୍ଖଳା ଦେଖାଦେବ। ଓ.ପି.ଏସ.ସି ଚେୟାରମ୍ୟାନ ଓ ସଭ୍ୟମାନେ ପ୍ରାୟତଃ ଅବସରପ୍ରାପ୍ତ ଅମଲାମାନେ ଏହି ପଦରେ ସରକାରଙ୍କ ଦ୍ୱାରା ନିଯୁକ୍ତ ହୋଇଥାନ୍ତି। ସରକାରଙ୍କର ଓ.ପି.ଏସ.ସି ରେ ପ୍ରତ୍ୟେକ୍ଷ ଓ ପରୋକ୍ଷ ପ୍ରଭାବ ଥାଏ। ଏହାଛଡା ଗବେଷଣା, ଶିକ୍ଷାଗତ ଯୋଗ୍ୟତା ତଥା ଅଭିଜ୍ଞତାକୁ ସଠିକଭାବେ ମୂଲ୍ୟାୟନ କରି ଉପଯୁକ୍ତ ପ୍ରାର୍ଥୀଙ୍କୁ ନିଯୁକ୍ତି ଦେବା ପାଇଁ ଏହା ଏକ ଯୋଗ୍ୟତା ସମ୍ପନ୍ନ ସଂସ୍ଥା ନୁହେଁ। ବିଶ୍ୱବିଦ୍ୟାଳୟର କୁଳପତି, ସିଣ୍ଡିକେଟର ଗୁରୁତ୍ୱକୁ ହ୍ରାସ କରି କ୍ଷମତାସୀନ ଦଳ ଓ ପ୍ରଶାସନର ସ୍ୱାର୍ଥରେ ସମସ୍ତ ନିଯୁକ୍ତି ସମ୍ପନ୍ନ କରିବା ପାଇଁ ସରକାର ଏପରି କରିଛନ୍ତି। ଏଠାରେ ସୂଚନାଯୋଗ୍ୟ, ବିଦେଶରେ ଏପରି ବହୁ ବିଶ୍ୱବିଦ୍ୟାଳୟ ଅଛି ଯେଉଁମାନଙ୍କର ଅଧ୍ୟାପକ ନିଯୁକ୍ତି କେବଳ ବିଶ୍ୱବିଦ୍ୟାଳୟ କରୁନାହିଁ ଏପରିକି ବିଶ୍ୱବିଦ୍ୟାଳୟ ଭିତରେ ଥିବା ବିଭିନ୍ନ ବିଭାଗ ମଧ୍ୟ ନିଜ ନିଜର ଆବଶ୍ୟକତା ଅନୁଯାୟୀ ନିଯୁକ୍ତି କରନ୍ତି। ମାତ୍ର ରାଜ୍ୟ ସରକାର ନିଯୁକ୍ତି କ୍ଷମତାକୁ ବିଶ୍ୱବିଦ୍ୟାଳୟମାନଙ୍କ ଠାରୁ କାଢି ନେଇ ଓପିଏସ୍‌ସିକୁ ଦେବା ଭିତର ଦେଇ ସରକାରୀ ବିଶ୍ୱବିଦ୍ୟାଳୟର ସମାଧି ରଚନା କରିବା ପାଇଁ କ୍ଷେତ୍ର ପ୍ରସ୍ତୁତ କରୁଛନ୍ତି।

**୫) କୁଳପତି ଚୟନ:** କୁଳପତି ଚୟନ ପାଇଁ ରାଜ୍ୟପାଳଙ୍କ ଦ୍ୱାରା ଗଠିତ ୩ ଜଣିଆ ସର୍ଚ୍ଚ କମିଟିରେ ଆଜି ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟ ସିଣ୍ଡିକେଟର ଜଣେ ପ୍ରତିନିଧି ସ୍ଥାନ ପାଉଥିଲେ। ବର୍ତ୍ତମାନ ଠାରୁ ସିଣ୍ଡିକେଟର ପ୍ରତିନିଧି ପରିବର୍ତ୍ତେ ରାଜ୍ୟ ସରକାରଙ୍କ ପ୍ରତିନିଧି ଏହି ସର୍ଚ୍ଚ କମିଟିରେ ସ୍ଥାନ ପାଇବେ। ଏହା ଦ୍ୱାରା ସରକାରଙ୍କର ନିକଟତମ ଲୋକମାନେ କୁଳପତି ଭାବେ ଆଗକୁ ନିଯୁକ୍ତି ପାଇବେ। ସେହିଭଳି ବିଶ୍ୱବିଦ୍ୟାଳୟ ଚାହୁଁଥିବା ଅନୁଦାନ ଯୋଗାଇ ନଦେଇ କେବଳ କୁଳପତିଙ୍କ କାର୍ଯ୍ୟକାଳ ୩ ରୁ ୪ ବର୍ଷ ବୃଦ୍ଧି ଓ ସର୍ବୋଚ୍ଚ ବୟସସୀମା ୬୭ କୁ ବୃଦ୍ଧି କଲେ କିଛି ଲାଭ ହେବ ନାହିଁ ବରଂ ଶିକ୍ଷାମାରଣନୀତି ଚଳେଇ ରଖିବା ପାଇଁ ଏହି କୁଳପତିମାନଙ୍କ ଦ୍ୱାରା ସରକାର କିଛି ଅଧିକ ସମୟ ପାଇବେ।

**୬) ସିଣ୍ଡିକେଟ:** ୧୯୮୯ ବିଶ୍ୱବିଦ୍ୟାଳୟ ଆଇନ ଅନୁସାରେ ବିଶ୍ୱବିଦ୍ୟାଳୟ ଅଧ୍ୟାପକମାନଙ୍କ ନିଯୁକ୍ତିଦାତା ଥିଲା ସିଣ୍ଡିକେଟ (ଧାରା ୨୧ର ଉପଧାରା ୨)। ତାହା ଏହି ସଂଶୋଧନ ଦ୍ୱାରା ଉଚ୍ଛେଦ କରାଯାଇଛି। ମୂଳ ଆଇନରେ ସିଣ୍ଡିକେଟର କ୍ଷମତା ଥିଲା (ଧାରା ୬ର ଉପଧାରା ୩) ଯେ କୁଳପତି ଚୟନ କମିଟିରେ ସଭ୍ୟ ଭାବେ ସିଣ୍ଡିକେଟରୁ ଜଣକୁ ମନୋନୀତ କରିବେ । ଏହି ସଂଶୋଧନ ଦ୍ୱାରା ସିଣ୍ଡିକେଟ ହାତରୁ ଏହି କ୍ଷମତା କାଢି ନିଆଯାଇ ରାଜ୍ୟ ସରକାରଙ୍କ ହାତରେ ନ୍ୟସ୍ତ କରାଯାଇଛି। ଅପର ପକ୍ଷରେ ଏହି ଅଧ୍ୟାଦେଶ ସିନେଟ୍‌କୁ ସଂପୂର୍ଣ୍ଣ ଉଚ୍ଛେଦ କରି ସିଣ୍ଡିକେଟର ଆକାରକୁ ବୃଦ୍ଧି କରିଛି। ସିଣ୍ଡିକେଟ୍‌ରେ ରାଜ୍ୟ ସରକାରଙ୍କ ଦ୍ୱାରା ମନୋନୀତ ବ୍ୟକ୍ତିଙ୍କ ପ୍ରତିନିଧିତ୍ୱକୁ ବଢାଇ ଦିଆଯାଇଛି । ଏହା ଦ୍ୱାରା ରାଜ୍ୟ ଉଚ୍ଚଶିକ୍ଷା ସଚିବ ବା ତାଙ୍କର ପ୍ରତିନିଧି ସିଣ୍ଡିକେଟ ସଦସ୍ୟ ହେବେ ଓ ରାଜ୍ୟ ସରକାରଙ୍କ ଦ୍ୱାରା ମନୋନୀତ ୩ ଜଣ ବିଶିଷ୍ଟ ବ୍ୟକ୍ତି ମଧ୍ୟ ଏଥିରେ ସଦସ୍ୟ ହେବେ। ଅର୍ଥାତ ଗୋଟିଏ ପଟେ ସରକାର ସିନେଟକୁ ଉଚ୍ଛେଦ କରିଛନ୍ତି ଏବଂ ଅନ୍ୟପଟେ ସିଣ୍ଡିକେଟ୍‌ରେ ନିଜର ପ୍ରତିନିଧି ସଂଖ୍ୟା ବୃଦ୍ଧି କରିଛନ୍ତି ଏଥିରୁ ପ୍ରମାଣିତ ହେଉଛି ଯେ ରାଜ୍ୟ ସରକାର ବିଶ୍ୱବିଦ୍ୟାଳୟ ପରିଚାଳନାକୁ ସମ୍ପୂର୍ଣ୍ଣ ଭାବରେ ନିଜ ହାତକୁ ଆଣିବାକୁ ଉଦ୍ୟମ କରୁଛନ୍ତି। ଏହାଦ୍ୱାରା ବିଶ୍ୱବିଦ୍ୟାଳୟର ମୁକ୍ତ ପରିବେଶ, ଗବେଷଣା, ପାଠପଢା, ପରିଚାଳନା ସଂପୂର୍ଣ୍ଣ ଧ୍ୱଂସ ହେବ ଏବଂ ଦୁର୍ନୀତି, ପ୍ରୀୟାପ୍ରୀତିତୋଷଣ, ଅରାଜକତା ବୃଦ୍ଧି ପାଇବ।

**୭) ରେଭେନ୍ସା ଏକକ ବିଶ୍ୱବିଦ୍ୟାଳୟ ଆଇନ ଉଚ୍ଛେଦ:** ରେଭେନ୍ସା ଓଡିଶା ତଥା ଭାରତବର୍ଷ ଶିକ୍ଷା ଜଗତରେ ଏକ ସ୍ୱତନ୍ତ୍ର ସ୍ଥାନ

*(ଅବଶିଷ୍ଟାଂଶ ଷଷ୍ଠ ପୃଷ୍ଠାରେ)*

## କେନ୍ଦ୍ର ବିଜେପି ସରକାରର ଜନବିରୋଧୀ ନୀତି.... (ଦ୍ୱିତୀୟ ପୃଷ୍ଠାର ଅବଶିଷ୍ଟାଂଶ)

କରିପାରିବେ ନାହିଁ। ଏହାପରେ ଯଦି ଏହି ବିବାଦ ଶିଳ୍ପ ଟ୍ରିବ୍ୟୁନାଲ (Industrial Tribunal)କୁ ଯାଏ ତା'ହେଲେ ସାଧାରଣତଃ ଦୀର୍ଘଦିନ ଧରି ବିଚାର ଚାଲି ରହେ। ଏହି ସମସ୍ତ ପ୍ରକ୍ରିୟାର ସମାପ୍ତିର ୬୦ ଦିନ ପରେ ଆଇନ୍‌ସମ୍ମତ ଧର୍ମଘଟର ଅନୁମତି ମିଳିବ। ଏହିଭଳି ସର୍ତ୍ତ ଆରୋପ କରି ଏହି କୋଡ୍ ଶ୍ରମିକ କର୍ମଚାରୀ ଓ ଟ୍ରେଡ୍ ୟୁନିୟନ୍ ଗୁଡ଼ିକର ପ୍ରତିବାଦ କରିବାର ସ୍ୱରକୁ ଦବେଇ ଦେବାର ଉଦ୍ୟମ କରିଛି। ସବୁଦିନିଆ କାମରେ ନିର୍ଦ୍ଦିଷ୍ଟ ସର୍ତ୍ତରେ ଓ ନିର୍ଦ୍ଦିଷ୍ଟ ସମୟସୀମା ପାଇଁ ଶ୍ରମିକ କର୍ମଚାରୀ (Fixed Term Employment) ନିଯୁକ୍ତି କରିବାର ଅଧିକାର ନିଯୁକ୍ତିଦାତା ବା ମାଲିକମାନଙ୍କୁ ପ୍ରଦାନ କରାଯାଇଛି। ଏହି Fixed Term Employee ମାନଙ୍କୁ କୌଣସି ପ୍ରକାର ସାମାଜିକ ସୁରକ୍ଷା ପ୍ରଦାନ କରିବା ପାଇଁ ନିଯୁକ୍ତିଦାତାମାନେ ବାଧ୍ୟ ନୁହଁନ୍ତି। ଏହା ଦ୍ୱାରା ମନଇଚ୍ଛା ଶ୍ରମିକ କର୍ମଚାରୀ ନିଯୁକ୍ତି ଓ ଛଟେଇ କରିବା (Hire and Fire)କୁ ଆଇନ୍‌ସିଦ୍ଧ କରାଯାଇଛି। ସଙ୍ଗଠିତ କ୍ଷେତ୍ରରେ ଠିକା ଶ୍ରମିକଙ୍କ ସର୍ବୋଚ୍ଚ ନିଯୁକ୍ତିର ଅନୁପାତ ମୋଟ ଶ୍ରମିକ ସଂଖ୍ୟାର ଶତକଡ଼ା ୩୫ ଭାଗ କରିବାର ପ୍ରାବଧାନ ଥିଲା। ସଙ୍ଗଠିତ କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ମୌଳିକ କାର୍ଯ୍ୟରେ ଠିକାଶ୍ରମିକ ନିଯୁକ୍ତି ନିଷିଦ୍ଧ ଥିଲା। କିନ୍ତୁ ବର୍ତ୍ତମାନ ୩୦୦ ବା ୩୦୦ରୁ ଅଧିକ ଠିକା ଶ୍ରମିକ ସଙ୍ଗଠିତ କ୍ଷେତ୍ରରେ ମୌଳିକ କାର୍ଯ୍ୟରେ ନିଯୁକ୍ତ ଥିଲେ ସେମାନଙ୍କୁ ଶିଳ୍ପ ବିବାଦ ଆଇନ୍ ପରିସରରୁ ବାହାରେ ରଖାଯିବ। ବର୍ତ୍ତମାନ ଏହି ନୂତନ କୋର୍ଡ଼ ନିଯୁକ୍ତିଦାତା ମାନଙ୍କୁ ଅଧିକରୁ ଅଧିକ ଠିକା ଶ୍ରମିକ ନିଯୁକ୍ତ କରିବାକୁ କ୍ଷମତା ପ୍ରଦାନ କରିଛି। ଯାହାଫଳରେ ଶ୍ରମର ମୂଲ୍ୟ ଓ ମଜୁରୀ ମଧ୍ୟରେ ପାର୍ଥକ୍ୟ ବହୁଗୁଣିତ ହେବ। ଏହି ଶ୍ରମକୋଡ୍ ସେବାମୂଳକ, ସାମାଜିକ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ଦ୍ୱାରା ପରିଚାଳିତ ଅନୁଷ୍ଠାନରେ କାର୍ଯ୍ୟରତ ବିରାଟ ସଂଖ୍ୟକ ଶ୍ରମିକ କର୍ମଚାରୀଙ୍କୁ ସମସ୍ତ ସୁରକ୍ଷାର ପରିସରରୁ ବାଦ୍ ଦେଇଛି।

ବୃତ୍ତିଗତ ସୁରକ୍ଷା, ସ୍ୱାସ୍ଥ୍ୟ ଓ କାର୍ଯ୍ୟାବସ୍ଥା କୋଡ୍ (Code on occupational safety, health and working condition) ଶ୍ରମିକ କର୍ମଚାରୀଙ୍କୁ ମିଳୁଥିବା ବହୁ ସୁରକ୍ଷା ବ୍ୟବସ୍ଥାକୁ ଉଚ୍ଛେଦ କରିଛି। ଏହି କୋର୍ଡ଼ ମହିଳା ଶ୍ରମିକ କର୍ମଚାରୀଙ୍କ ସୁରକ୍ଷା ଓ ନିରାପତ୍ତାକୁ ଅଣଦେଖା କରି ଯେକୌଣସି କାର୍ଯ୍ୟରେ ମହିଳାମାନଙ୍କ ସଂଧ୍ୟା ୭ ରୁ ସକାଳ ୬ଟା ମଧ୍ୟରେ ରାତ୍ରୀକାଳୀନ ନିଯୁକ୍ତିକୁ ଆଇନ୍‌ସିଦ୍ଧ କରିଛି। ୨୦ ଜଣ ବା ୨୦ ଜଣରୁ ଅଧିକ ଠିକା ଶ୍ରମିକ କାର୍ଯ୍ୟ କରୁଥିବା ସଂସ୍ଥାର ଶ୍ରମିକ କର୍ମଚାରୀଙ୍କୁ ମିଳୁଥିବା ଆଇନ୍‌ଗତ ସୁରକ୍ଷାକୁ ଉଚ୍ଛେଦ କରି ୫୦ ବା ୫୦ ରୁ ଊର୍ଦ୍ଧ୍ୱ ଶ୍ରମିକ କାର୍ଯ୍ୟ କରୁଥିବା ସଂସ୍ଥାର ଶ୍ରମିକଙ୍କୁ ଆଇନ୍‌ଗତ ସୁବିଧା ସୁଯୋଗ ଦେବାପାଇଁ ଏହି କୋଡ୍‌ରେ ଉଲ୍ଲେଖ ରହିଛି। ଯାହାଫଳରେ ବହୁ ସଂଖ୍ୟାରେ ଶ୍ରମିକ କର୍ମଚାରୀ ଆଇନ୍‌ଗତ ସୁବିଧା ସୁଯୋଗରୁ ବଞ୍ଚିତ ହେବେ। ପୂର୍ବ ପ୍ରଚଳିତ ଶ୍ରମ ଆଇନ୍ ଗୁଡ଼ିକ ୧୦ ଜଣ ଶ୍ରମିକ ନିଯୁକ୍ତ ହୋଇଥିବା ବିଦ୍ୟୁତ୍ ଚାଳିତ କାରଖାନା ବା ସଂସ୍ଥା ଏବଂ ୨୦ ଜଣ ଶ୍ରମିକ କାମ କରୁଥିବା ବିନା ବିଦ୍ୟୁତ୍‌ରେ ଚାଲୁଥିବା କାରଖାନା ବା ସଂସ୍ଥାରେ ଲାଗୁ ହେଉଥିଲା। ବର୍ତ୍ତମାନ ଏହି ସୀମା ଯଥାକ୍ରମେ ୨୦ ଓ ୪୦ ଜଣଙ୍କୁ ବୃଦ୍ଧି କରାଯାଇଛି। ଏହାର ପରିଣାମରେ ଶତକଡ଼ା ୭୦ ଭାଗ ଶିଳ୍ପ ଓ ୭୪% ଶିଳ୍ପ ଶ୍ରମିକଙ୍କ ନିଯୁକ୍ତି, ଛଟେଇ ଓ ସୁବିଧା ସୁଯୋଗ ମାଲିକମାନଙ୍କ ମର୍ଜି ଉପରେ ନିର୍ଭର କରିବ। ସାମାଜିକ ସୁରକ୍ଷା କୋର୍ଡ଼ (Code on Social Security)କୁ ସରକାର ପାର୍ଲାମେଣ୍ଟରେ ଗୃହୀତ କରିଛନ୍ତି। ଏହି କୋର୍ଡ଼ରେ କେବଳ ସଙ୍ଗଠିତ କ୍ଷେତ୍ରର ଶ୍ରମିକ କର୍ମଚାରୀଙ୍କ ସୁରକ୍ଷା ପାଇଁ ବ୍ୟବସ୍ଥା କରାଯାଇଥିବା ବେଳେ ୧୦ ବା ୧୦ରୁ କମ ଶ୍ରମିକ କାର୍ଯ୍ୟ କରୁଥିବା ଅଣସଙ୍ଗଠିତ କ୍ଷେତ୍ରର ଶ୍ରମିକଙ୍କୁ ଅଲଗା ବର୍ଗର ଶ୍ରମିକ ଭାବେ ପରିଗଣିତ କରାଯିବ। ଏହି କୋଡ୍ ଅନୁସାରେ ସଙ୍ଗଠିତ କ୍ଷେତ୍ରରେ ଶ୍ରମିକ ଓ ଅଣସଙ୍ଗଠିତ କ୍ଷେତ୍ରର ଶ୍ରମିକ ମାନଙ୍କୁ ଅଲଗା ଅଲଗା ସାମାଜିକ ସୁରକ୍ଷା ମିଳିବ। ଏହି କୋଡ୍ ଅନୁଯାୟୀ ଜାତୀୟ ସାମାଜିକ ସୁରକ୍ଷା ବୋର୍ଡ଼ (National Social Security Board) ଗଠନ କରାଯିବ। ଏହି ବୋର୍ଡ଼ ଭିନ୍ନ ଭିନ୍ନ ସଙ୍ଗଠିତ କ୍ଷେତ୍ରର ଶ୍ରମିକଙ୍କ ପାଇଁ ଭିନ୍ନ ଭିନ୍ନ ପ୍ରକାରର ସାମାଜିକ ସୁରକ୍ଷା ଯୋଜନାର ସୁପାରିଶ କରିବ। ଜିଆଇଜି ଶ୍ରମିକ ମାନଙ୍କ ପାଇଁ ଉଭୟ ଅସ୍ଥାୟୀ ମାଲିକ ମାନଙ୍କଠାରୁ ଓ ଜିଆଇଜି ଶ୍ରମିକମାନଙ୍କଠାରୁ ସାମାଜିକ ସୁରକ୍ଷା ପାଣ୍ଠି ସଂଗ୍ରହ କରାଯିବ। ଏଥିପାଇଁ ନିଯୁକ୍ତିଦାତାଙ୍କ ଠାରୁ ଶତକଡ଼ା ୧ ରୁ ୨ ଭାଗ ଅର୍ଥ ଏବଂ ଜିଆଇଜି ଶ୍ରମିକଙ୍କ ବେତନ ବା ମଜୁରୀର ଶତକଡ଼ା ୫ଭାଗ ଅର୍ଥ ସଂଗ୍ରହ କରାଯିବ।

କେନ୍ଦ୍ରର ବିଜେପି ସରକାର ଏହି ୪ଟି ଶ୍ରମକୋର୍ଡ଼ ପ୍ରଣୟନ କରି ଦେଶର ଶ୍ରମିକ ଶ୍ରେଣୀ ଉପରେ ସର୍ବାତ୍ମକ ଆକ୍ରମଣ ଆଣିଛନ୍ତି। ଜନବିରୋଧୀ ଜଗତୀକରଣ ଓ ଉଦାରୀକରଣ ନୀତି ଜରିଆରେ ଏହି ଆକ୍ରମଣ ଆସିଛି। ସଙ୍ଗଠିତ କ୍ଷେତ୍ରର ହୁଅନ୍ତୁ ବା ଅଣସଙ୍ଗଠିତ କ୍ଷେତ୍ରର ଶ୍ରମିକ କର୍ମଚାରୀ ବା ଠିକା ଶ୍ରମିକ ବା ନିର୍ମାଣ ଶ୍ରମିକ ବା ଜିଆଇଜି ଶ୍ରମିକ ହୁଅନ୍ତୁ ସମସ୍ତ ଶ୍ରମିକ କର୍ମଚାରୀ ଏହି ଆକ୍ରମଣର ଶୀକାର ହୋଇଛନ୍ତି।

ନିକଟରେ ସରକାର ପାର୍ଲାମେଣ୍ଟରେ ୩ଟି କୃଷି ବିଲ୍‌କୁ ଗୃହୀତ କରାଇ କୃଷି କ୍ଷେତ୍ରକୁ ପୁଞ୍ଜିପତି କପୋରେଟ ମାନଙ୍କ ହାତକୁ ଟେକି ଦେବାର ରାସ୍ତା ପ୍ରଶସ୍ତ କରିଛନ୍ତି। ଅତ୍ୟାବଶ୍ୟକ ସାମଗ୍ରୀ ଆଇନ୍- ୧୯୫୫କୁ ସଂଶୋଧନ କରି କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ (Minimum Support Price)ର ଆଇନଗତ ସୁରକ୍ଷାକୁ ଧ୍ୱଂସ କରିଦେଇଛନ୍ତି। ଯଦ୍ୱାରା ଅତ୍ୟାବଶ୍ୟକ ସାମଗ୍ରୀର ଆକାଶଛୁଆଁ ମୂଲ୍ୟବୃଦ୍ଧି ଘଟିଛି। ଏହା ଫଳରେ ଜୀବନ ଜୀବିକା ପାଇଁ କୃଷି ଉପରେ ନିର୍ଭରଶୀଳ ଜନସାଧାରଣ ଏବଂ ଅନ୍ୟାନ୍ୟବର୍ଗର ଶ୍ରମଜୀବୀ ଜନସାଧାରଣଙ୍କ ଅବସ୍ଥା ସଙ୍କଟାପନ୍ନ ହେବ ଏଥିରେ ସନ୍ଦେହ ନାହିଁ। ସରକାର ଠିକା ଚାଷ (Contract Farming), ଓ ଘରୋଇ ମଣ୍ଡି ଆଇନ୍ ଲାଗୁ କରି କୃଷକମାନଙ୍କୁ ସର୍ବସ୍ୱାନ୍ତ କରିବା ସହିତ କୃଷିଜାତ ଦ୍ରବ୍ୟର ବଜାରକୁ ପୁଞ୍ଜିପତି କର୍ପୋରେଟ ମାନଙ୍କ ନିୟନ୍ତ୍ରଣକୁ ଟେକିଦେବାର ବ୍ୟବସ୍ଥା କରିଛନ୍ତି। ବିଦ୍ୟୁତ୍ (ସଂଶୋଧନ) ଆଇନ୍ - ୨୦୨୦କୁ ସଂସଦରେ ଗୃହୀତ କରାଇ ବିଦ୍ୟୁତ୍ ବିତରଣ ବ୍ୟସ୍ଥାର ଘରୋଇକରଣ କରି ବିଦ୍ୟୁତ୍ କର୍ମଚାରୀ ଓ ବିଦ୍ୟୁତ୍ ଉପଭୋକ୍ତା ମାନଙ୍କୁ ଶୋଷଣ ମୁହଁକୁ ଠେଲି ଦେଇଛନ୍ତି। ଫାସୀବାଦୀ ଜାତୀୟ ଶିକ୍ଷାନୀତି-୨୦୨୦ ଗରୀବ ସ୍ୱଳ୍ପରୋଜଗାରୀ ଓ ଶ୍ରମଜୀବୀ ପରିବାରୁ ଆସୁଥିବା ଛାତ୍ରଛାତ୍ରୀ ମାନଙ୍କ ଉପରେ ଧ୍ୱଂସାତ୍ମକ ପ୍ରଭାବ ପକାଇବ।

କୋଭିଡ୍-୧୯ ମହାମାରୀ ପ୍ରବାସୀ ଶ୍ରମିକ (Migrant workers)ଙ୍କ ପ୍ରତି ସରକାରଙ୍କ ଅପରାଧୀ ସୁଲଭ ଆଚରଣ, ଗରିବ ଅସହାୟ ଲୋକଙ୍କ ପ୍ରତି ସରକାରଙ୍କ ଚରମ ଉଦାସୀନତାକୁ ସ୍ପଷ୍ଟ ଭାବରେ ଦର୍ଶାଇ ଦେଇଛି। ବିଶାଳ ସଂଖ୍ୟକ ଅଣସଙ୍ଗଠିତ କ୍ଷେତ୍ରର ଶ୍ରମିକ, ଏକ କୋଟିରୁ ଅଧିକ ଆଶା, ଅଙ୍ଗନୱାଡ଼ି ଓ ମଧ୍ୟାହ୍ନ ଭୋଜନ ପାଚିକା ଆଦି ସ୍କିମ ଶ୍ରମିକ ଏବଂ ଦିନମଜୁରିଆଙ୍କୁ ସରକାର ଅବହେଳା କରି ଆସୁଛନ୍ତି। ଶ୍ରମିକ କର୍ମଚାରୀ ସଂଖ୍ୟା ହ୍ରାସ, ଶ୍ରମିକ ଛଟେଇ, କାରଖାନା ବନ୍ଦ, ନୂତନ ନିଯୁକ୍ତି ବନ୍ଦ, ସମୟ ପୂର୍ବରୁ ବାଧ୍ୟତାମୂଳକ ଅବସର ନୀତି (Forced Prematured retirement policy) ଫଳରେ ଶିଳ୍ପପତିମାନଙ୍କ ଅତ୍ୟଧିକ ଲାଭ ଲୁଟପାଇଁ କ୍ଷେତ୍ର ପ୍ରସ୍ତୁତ ହୋଇଛି ଏବଂ ବେରୋଜଗାରଙ୍କ ସଂଖ୍ୟା ବହୁଗୁଣିତ ହୋଇଛି।

ଆମ୍ଭେମାନେ ଏଭଳି ଏକ ଦେଶରେ ବାସ କରୁ ଯେଉଁଠି ଜନସଂଖ୍ୟାର ଶତକଡ଼ା ଏକ ଭାଗ ଲୋକଙ୍କ ପାଖରେ ଦେଶର ଶତକଡ଼ା ୭୩% ଭାଗ ସମ୍ପତ୍ତି ରହିଛି ଏବଂ ଶତକଡ଼ା ୭୦% ଭାଗରୁ ଅଧିକ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ଜୀବନ ଯାପନ କରୁଛନ୍ତି। ମୁଷ୍ଟିମେୟ ଅତ୍ୟଧିକ ଧନୀ ଏବଂ ବିଶାଳ ସଂଖ୍ୟକ ଶ୍ରମଜୀବୀ ଜନସାଧାରଣଙ୍କ ମଧ୍ୟରେ ଏହି ପାର୍ଥକ୍ୟ କାହିଁକି? ଏହାର କାରଣ ହେଉଛି ଆମ ଦେଶରେ ପ୍ରତିଷ୍ଠିତ ପୁଞ୍ଜିବାଦୀ ସମାଜବ୍ୟବସ୍ଥା, ଯେଉଁଠି ସଂଖ୍ୟାଗରିଷ୍ଠ ଶ୍ରମଜୀବୀ ଜନସାଧାରଣଙ୍କୁ ନିଷ୍ଠୁର ଶୋଷଣ କରି ହାତଗଣତି ପୁଞ୍ଜିପତି ଶିଳ୍ପପତିମାନଙ୍କର ଅତ୍ୟଧିକ ଲାଭ ପାଇଁ ନୀତି ନିୟମ କାର୍ଯ୍ୟକାରୀ ହେଉଛି। ଯେତେଦିନ ପର୍ଯ୍ୟନ୍ତ ଏହି ଦେଶରେ ପୁଞ୍ଜିବାଦୀ ଶୋଷଣମୂଳକ ସମାଜ ବ୍ୟବସ୍ଥା ରହିବ, ସେତେଦିନ ପର୍ଯ୍ୟନ୍ତ କେବଳ ନିର୍ବାଚନ ମାଧ୍ୟମରେ ସରକାର ପରିବର୍ତ୍ତନ କରିବା ଦ୍ୱାରା ଶ୍ରମଜୀବୀ ଜନସାଧାରଣଙ୍କର ଏହି ଦୁର୍ଦ୍ଦଶାମୟ ଅବସ୍ଥା କୌଣସି ମୌଳିକ ପରିବର୍ତ୍ତନ ଘଟିବ ନାହିଁ। କାରଣ ବର୍ତ୍ତମାନର ପ୍ରତିଷ୍ଠିତ ପୁଞ୍ଜିବାଦୀ ଶୋଷଣମୂଳକ ସମାଜ ବ୍ୟବସ୍ଥାରେ ସରକାର ପରିବର୍ତ୍ତନ ଦ୍ୱାରା ପୁଞ୍ଜିପତି ସପକ୍ଷବାଦୀ ନୀତିର ପରିବର୍ତ୍ତନ ହେବ ନାହିଁ। ପ୍ରତିଷ୍ଠିତ ପୁଞ୍ଜିବାଦୀ ଶୋଷଣମୂଳକ ସମାଜ ବ୍ୟବସ୍ଥାର ଆମୂଳଚୂଳ ପରିବର୍ତ୍ତନ ହେବାପରେ ହିଁ ଶ୍ରମଜୀବୀ ଜନସାଧାରଣଙ୍କ ଉପରେ ହେଉଥିବା ଶୋଷଣ, ଜୁଲୁମ ଓ ଅତ୍ୟାଚାରର ଅବସାନ ହେବ। ତେଣୁ ଶୋଷଣମୂଳକ ପୁଞ୍ଜିବାଦୀ ସମାଜ ବ୍ୟବସ୍ଥାର ସୁରକ୍ଷା ପାଇଁ କାର୍ଯ୍ୟ କରିଆସୁଥିବା କେନ୍ଦ୍ରର ବିଜେପି ସରକାରଙ୍କ ଜନବିରୋଧୀ ନୀତି ଓ ଆକ୍ରମଣ ବିରୁଦ୍ଧରେ ଦୀର୍ଘସ୍ଥାୟୀ ମିଳିତ ଆନ୍ଦୋଳନ ଗଢ଼ି ତୋଳିବା ହେଉଛି ସମୟର ଆହ୍ୱାନ।

ଏଭଳି ପରିସ୍ଥିତିରେ ଏ.ଆଇ.ୟୁ.ଟି.ୟୁ.ସି. ସମେତ ଦେଶର ୧୦ଟି କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ୍ ଏବଂ ସ୍ୱାଧୀନ କର୍ମଚାରୀ ଫେଡ଼େରେସନ ମାନଙ୍କ ମିଳିତ ଡାକରାରେ ୨୬ ନଭେମ୍ବର ଦିନ ସଙ୍ଗଠିତ ହେବାକୁ ଯାଉଥିବା ଦେଶବ୍ୟାପୀ ସାଧାରଣ ଧର୍ମଘଟ ଏକ ଗଭୀର ତାତ୍ପର୍ଯ୍ୟ ବହନ କରୁଛି। କୃଷକ ସଙ୍ଗଠନ ମାନଙ୍କର ମିଳିତ ମଞ୍ଚ ଅଲ୍ ଇଣ୍ଡିଆ କିଷାନ ସଂଘର୍ଷ କୋ-ଅର୍ଡ଼ିନେସନ କମିଟି (AIKKSCC) ଏହି ସାଧାରଣ ଧର୍ମଘଟକୁ ସମର୍ଥନ କରିଛି। ଏହି ମିଳିତ ମଞ୍ଚର ପ୍ରମୁଖ ଅଂଶୀଦାର ଅଲ୍ ଇଣ୍ଡିଆ କିଷାନ୍ କ୍ଷେତ ମଜଦୁର ସଙ୍ଗଠନ (AIKKMS) ଏହି ଧର୍ମଘଟର ସମର୍ଥନ ପାଇଁ ସକ୍ରିୟଭାବେ ପ୍ରସ୍ତୁତି କରୁଛି। ଶ୍ରମିକ ଓ କୃଷକମାନଙ୍କ ଏକତା ଏହି ସାଧାରଣ ଧର୍ମଘଟର ଡାକରାକୁ ଗୁରୁତ୍ୱପୂର୍ଣ୍ଣ ବୃହତ୍ତର ପର୍ଯ୍ୟାୟକୁ ନେଇଯାଇଛି। ଏହି ସାଧାରଣ ଧର୍ମଘଟକୁ ଏ.ୟୁ.ସି.ଆଇ.(କମ୍ୟୁନିଷ୍ଟ) ମଧ୍ୟ ସମର୍ଥନ କରୁଛି। ଏହି ସାଧାରଣ ଧର୍ମଘଟକୁ ଐକ୍ୟବଦ୍ଧ ଭାବେ ସମସ୍ତ ଶକ୍ତିଦେଇ ସମ୍ପୂର୍ଣ୍ଣ ସଫଳ କରିବାପାଇଁ ଶ୍ରମିକ, କୃଷକ, କୃଷି ଶ୍ରମିକ, ଛାତ୍ର, ଯୁବକ, ମହିଳା ଏବଂ ସମସ୍ତ ବର୍ଗର ଜନସାଧାରଣଙ୍କୁ ଏସ୍.ୟୁ.ସି.ଆଇ.(କମ୍ୟୁନିଷ୍ଟ) ନିବେଦନ କରୁଛି।

## କେନ୍ଦ୍ର ସରକାରଙ୍କ କୃଷିନୀତି....

(ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ)

ଏହି ପରିସ୍ଥିତିରେ ନୂଆ ଆଇନ୍ ବଳରେ କର୍ପୋରେଟ୍ ମାଲିକମାନେ ଗୋଟିଏ ପଟରେ ଛୋଟ ଚାଷୀମାନଙ୍କଠାରୁ ଶସ୍ତାରେ ଯେତେଇଚ୍ଛା ସେତେ ଫସଲ କିଣି ନେଇ ଅନ୍ୟ ସ୍ଥାନରେ ବିକ୍ରି କରିପାରିବେ। ଅନ୍ୟପଟରେ ବଡ଼ ବଡ଼ ଚାଷୀ ଓ କର୍ପୋରେଟ୍ ଜମି ମାଲିକମାନେ ଛୋଟ ଚାଷୀ, ଭାଗଚାଷୀ ଓ ନାମମାତ୍ର ଚାଷୀମାନଙ୍କୁ ଆହୁରି ଅଧିକ ସଂଖ୍ୟାରେ ନିଜ କ୍ଷେତରେ ମୂଲିଆ ଭାବର କାମରେ ଲଗାଇ ଫସଲ ଉତ୍ପାଦନ କରି ସେହି ଫସଲକୁ ମଧ୍ୟ ମଧ୍ୟ ଦେଶର ଯେ କୌଣସି ସ୍ଥାନରେ ବିକ୍ରି କରିପାରିବେ। ଏହି ଆଇନ୍ ବଳରେ ଖୁବ୍ ଶୀଘ୍ର ସମଗ୍ର ଦେଶର କୃଷିପଣ୍ୟର ଖରିଦ୍ ଓ ବିକ୍ରି କର୍ପୋରେଟ୍ ମାଲିକମାନଙ୍କ ହାତକୁ ଆସିବା ନିଶ୍ଚିତ। ସମଗ୍ର ଦେଶରେ ଏହି ନୂଆ କୃଷି ଆଇନ୍‌ର ତୀବ୍ର ବିରୋଧ ହେବାରୁ ସରକାରୀ ମଣ୍ଡି ପୂର୍ବଭଳି ରହିବ ଓ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ବ୍ୟବସ୍ଥା ମଧ୍ୟ ଅବ୍ୟାହତ ରହିବ ବୋଲି ସରକାର ମୌଖିକ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏ ବାବଦରେ ଆଇନ୍‌ରେ କିଛି ଉଲ୍ଲେଖ ନାହିଁ। ସୁତରାଂ, ଯେକୌଣସି ସମୟରେ ସରକାରୀ ମଣ୍ଡି ବନ୍ଦ ହୋଇଯାଇପାରେ ଓ ଫସଲର ସର୍ବନିମ୍ନ ସହାୟକ ଦର ଧାର୍ଯ୍ୟ କରାଯିବା ବ୍ୟବସ୍ଥା ଉଚ୍ଛେଦ ହୋଇପାରେ।

ବର୍ତ୍ତମାନ ଦ୍ୱିତୀୟ କୃଷି ଆଇନ୍ ସମ୍ପର୍କରେ ଆଲୋଚନା କରାଯାଉ। ଏହି ଆଇନ୍‌ଟି ହେଉଛି Farmers (Empowerment and Protection) Agreement of Price Assurance and Fair Services Act-2020। ଏହାକୁ ସଂକ୍ଷେପରେ ଚୁକ୍ତିଚାଷ ଆଇନ୍ ମଧ୍ୟ କୁହାଯାଇପାରେ। ବଡ଼ ବଡ଼ ଜମି ମାଲିକ ଓ କର୍ପୋରେଟ୍ ମାଲିକନାରେ ଥିବା ଜମିକୁ ବାଦ୍‌ଦେଲେ ମଧ୍ୟ ଆହୁରି ପ୍ରଚୁର ପରିମାଣର ଜମି ଛୋଟ ଛୋଟ ଚାଷୀଙ୍କ ହାତରେ ରହିଛି। ଚୁକ୍ତି ଚାଷ ଆଇନ୍ ସେହିସବୁ ଚାଷୀମାନଙ୍କ ପାଇଁ ପ୍ରଣୟନ କରାଯାଇଛି। ଏହି ଆଇନ୍ ଅନୁଯାୟୀ ବଡ଼ ବଡ଼ ଘରୋଇ କମ୍ପାନୀମାନେ ଛୋଟ ଛୋଟ ଜମି ମାଲିକ ମାନଙ୍କ ସହିତ ଲିଖିତ ଚୁକ୍ତି କରିବେ। ଜମିରେ କି ଫସଲ ହେବ ଏବଂ କେତେ ବର୍ଷ ଧରି ହେବ ତାହା ଚୁକ୍ତିରେ ସ୍ଥିର ହେବ। ଚାଷପାଇଁ ଆବଶ୍ୟକ ବିହନ, ସାର, ପୋକମରା ଔଷଧ ଓ ଅନ୍ୟାନ୍ୟ ଚାଷ ସରଞ୍ଜାମ କମ୍ପାନୀ ଯୋଗାଇ ଦେବ। ଫସଲ ଉତ୍ପାଦନ ହେବାପରେ ଏକ ବିଶେଷ ମାନର ଫସଲକୁ କମ୍ପାନୀ ନିର୍ଦ୍ଦିଷ୍ଟ ମୂଲ୍ୟରେ କିଣିବା ପାଇଁ ଚାଷୀ ସହିତ ଚୁକ୍ତି କରିବେ। ଫସଲର ଦାମ୍‌ରୁ ଚାଷପାଇଁ କମ୍ପାନୀ ଖର୍ଚ୍ଚ କରିଥିବା ଟଙ୍କା ବାଦ୍ ଦେଇ ବାକି ଟଙ୍କା ଚାଷୀ ତା ଫସଲର ଦାମ୍ ଆକାରରେ ପାଇବ। ଆଇନ୍‌ର ଏହି ବ୍ୟବସ୍ଥା ଦେଖି କେହି ହୁଏତ ଏହାକୁ ଛୋଟ ଚାଷୀଙ୍କ ସ୍ୱାର୍ଥପାଇଁ ଅନୁକୂଳ ବୋଲି ଭାବି ପାରନ୍ତି। ମାତ୍ର ଏହି ଆଇନ୍‌ରେ ବହୁ ଜଟିଳତା ରହିଛି। ମୂଳ ସମସ୍ୟା ହେଉଛି ଫସଲର ମାନକୁ କେନ୍ଦ୍ରକରି। ଏକ ନିର୍ଦ୍ଦିଷ୍ଟ ମାନର ଫସଲ ପାଇଁ ଏକ ନିର୍ଦ୍ଦିଷ୍ଟ ଦର ଧାର୍ଯ୍ୟ ହେବ ବୋଲି ପୂର୍ବରୁ ଉଲ୍ଲେଖ କରାଯାଇଛି। ତେବେ ଫସଲ ଉପଯୁକ୍ତ ମାନର କି ନା ତାହା କମ୍ପାନୀ ସ୍ଥିର କରିବ। ଆଇନ୍ କମ୍ପାନୀକୁ ଏହି ଅଧିକାର ଦେଇଛି। ଫସଲର ମାନ କମ୍ ହେଲେ କମ୍ପାନୀ ଚୁକ୍ତି ଅନୁଯାୟୀ ଦାମ୍ ଦେବ ନାହିଁ। କିନ୍ତୁ ବିହନ, ସାର, ପୋକମରା ଔଷଧ ଇତ୍ୟାଦି ପାଇଁ ଟଙ୍କା କଟିବ। ଫଳରେ ଚାଷୀ ଫସଲ ବିକି କମ୍ପାନୀଠାରୁ ଟଙ୍କା ପାଇବା ବଦଳରେ ଓଲଟା କମ୍ପାନୀକୁ ଟଙ୍କା ଦେବାକୁ ବାଧ୍ୟ ହୋଇପାରେ। ପୁଣି ଚାଷୀ ଓ କମ୍ପାନୀ ମଧ୍ୟରେ ଚୁକ୍ତିକୁ କେନ୍ଦ୍ରକରି ଦ୍ୱନ୍ଦ୍ୱ ସୃଷ୍ଟି ହେଲେ ଚାଷୀ ଆଇନ୍ ଅଦାଲତର ଆଶ୍ରୟ ନେଇପାରିବ ନାହିଁ। ପ୍ରଥମେ ଜିଲ୍ଲା ସ୍ତରରେ ଓ ପରେ ସର୍ବଭାରତୀୟ ସ୍ତରରେ ସରକାରୀ ଅଧିକାରୀମାନେ ଏହାର ବିଚାର କରିବେ। ଏଥିରୁ ସ୍ପଷ୍ଟ ବୁଝି ହେଉଛି ଏହି ଆଇନ୍ ଚାଷୀପାଇଁ କେତେ ଲାଭଜନକ ହେବ। ଯୁକ୍ତି କରାଯାଇପାରେ ଯେ ଏହି ଆଇନ୍ ଅନୁଯାୟୀ ଚାଷୀ କମ୍ପାନୀ ସହିତ ଚୁକ୍ତି କରିବାକୁ ବାଧ୍ୟ ନୁହେଁ। ଚୁକ୍ତି କରିବା କିମ୍ବା ନ କରିବା ପାଇଁ ଚାଷୀର ସ୍ୱାଧିନତା ରହିବ। ତେବେ ବାସ୍ତବରେ ଏହା ସମ୍ଭବ ହେବ ନାହିଁ। ଆମେ ଅତୀତର ଅଭିଜ୍ଞତାରୁ ଜାଣୁ ଯେ ସମଗ୍ର କୃଷିକ୍ଷେତ୍ରରେ କର୍ପୋରେଟ୍‌କରଣ ଆରମ୍ଭ ହୋଇଗଲେ ବିଭିନ୍ନ ପ୍ରକାର କଳ କୌଶଳ ପ୍ରୟୋଗ କରି ବଡ଼ ବଡ଼ କର୍ପୋରେଟ୍ ହାଉସ୍‌ମାନେ ଚାଷୀକୁ ସେମାନଙ୍କ ସହିତ ଚୁକ୍ତି କରିବାକୁ କାର୍ଯ୍ୟତଃ ବାଧ୍ୟ କରିବେ। ଚାଷୀ ପାଖରେ ମଧ୍ୟ ଅନ୍ୟକିଛି ବିକଳ୍ପ ରହିବ ନାହିଁ। ଏହି ପ୍ରକ୍ରିୟାରେ ସମୟକ୍ରମେ ଚାଷୀ ତା ଜମି ଉପରେ ଅଧିକାର ଓ ଚାଷ କରିବାର ସ୍ୱାଧୀନତା ହରାଇବ। ଅତୀତରେ ସୀମିତ କ୍ଷେତ୍ରରେ ହେଲେ ମଧ୍ୟ ଏହି ଧରଣର ଚୁକ୍ତିଚାଷ କରିଥିବା ଚାଷୀମାନଙ୍କର ଅଭିଜ୍ଞତାରୁ ହିଁ ଚୁକ୍ତି ଚାଷର ମାରାତ୍ମକ ପରିଣତି ସମ୍ପର୍କରେ ବୁଝିହେବ।

ବର୍ତ୍ତମାନ ତୃତୀୟ କୃଷି ଆଇନ୍ ସମ୍ପର୍କରେ ଆଲୋଚନା କରାଯାଉ। ଏହି ଆଇନ୍ ବଳରେ ୧୯୫୫ ମସିହାରେ ପ୍ରଣୀତ ଅତ୍ୟାବଶ୍ୟକ ସାମଗ୍ରୀ ଆଇନ୍ (Essential Commodities Act)ରେ ସଂଶୋଧନ କରାଯାଇଛି। ସଂଶୋଧିତ ଆଇନ୍ ଅନୁଯାୟୀ ଘରୋଇ କମ୍ପାନୀ ବା ବ୍ୟବସାୟୀମାନେ ଯେତେଇଚ୍ଛା ସେତେ ପରିମାଣର ଧନ, ଚାଉଳ, ଡାଲି, ତୈଳବୀଜ, ଖାଇବାତେଲ, ଆଳୁ, ପିଆଜ ଇତ୍ୟାଦି ଅତ୍ୟାବଶ୍ୟକ ସାମଗ୍ରୀ ମହଯୁଦ କରିପାରିବେ। ପୂର୍ବ ଆଇନ୍‌ରେ ଏସବୁ ମହଜୁଦ୍

( ଅବଶିଷ୍ଟାଂଶ ଷଷ୍ଠ ପୃଷ୍ଠାରେ)

## କେନ୍ଦ୍ର ସରକାରଙ୍କ କୃଷିନୀତି...

(ପଞ୍ଚମ ପୃଷ୍ଠାର ଅବଶିଷ୍ଟାଂଶ)

କରିବାର ସର୍ବୋଚ୍ଚ ସୀମା ନିର୍ଦ୍ଧାରଣ କରାଯାଇଥିଲା। କହିବା ବାହୁଲ୍ୟ ଏହା ଫଳରେ କଳାବଜାରୀ, ମହଯୁଦକାରୀ ଓ ମୁନାଫାଖୋରମାନେ ଯେତେଇଚ୍ଛା ସେତେ ଖାଦ୍ୟ ସାମଗ୍ରୀ ଚାଷୀମାନଙ୍କଠାରୁ ଅମଳ ସମୟରେ ଶସ୍ତାରେ ଖରିଦ୍‌କରି ମହଯୁଦ କରିପାରିବେ। ଏହାଫଳରେ ବଜାରରେ ଏସବୁ ସାମଗ୍ରୀର କୃତ୍ରିମ ଅଭାବ ସୃଷ୍ଟି ହେବା ନିଶ୍ଚିତ। ବଜାରରେ ଖାଉଟି ସାମଗ୍ରୀର ଅଭାବର ଅର୍ଥ ହେଉଛି ଦର ବୃଦ୍ଧି। ବଜାରରେ କୃତ୍ରିମ ଅଭାବ ସୃଷ୍ଟି କରୁଥିବା ବ୍ୟବସାୟୀମାନେ ଚଢ଼ାଦରରେ ଗଚ୍ଛିତ ସାମଗ୍ରୀ ବିକ୍ରିକରି ପ୍ରଚୁର ମୁନାଫା ଅର୍ଜନ କରିବେ। ଅର୍ଥାତ୍ ମହଜୁଦ୍‌କାରୀମାନେ ଗୋଟିଏ ପଟରେ ଅମଳ ସମୟରେ ଚାଷୀଠାରୁ କମ୍ ଦାମ୍‌ରେ ଫସଲ କିଣି ଚାଷୀକୁ ଶୋଷଣ କରି ଫାଇଦା ନେବେ ଅନ୍ୟପଟରେ ଚଢ଼ା ଦାମରେ ବିକ୍ରି କରି ଖାଉଟିକୁ ଶୋଷଣ କରି ମନଇଚ୍ଛା ଲାଭ କରିବେ। ଅର୍ଥାତ୍ ଖାଉଟିକୁ ମନଇଚ୍ଛା ଶୋଷଣ କରିବେ। ମାତ୍ର ସରକାର ଏଥିରେ ହସ୍ତକ୍ଷେପ କରିପାରିବେ ନାହିଁ କିମ୍ବା ମହଯୁଦ କରାଯାଇଥିବା ସାମଗ୍ରୀ ଜବତ କରିପାରିବେ ନାହିଁ। ବର୍ତ୍ତମାନ ପିଆଜ, ଆଳୁ, ଡାଲି, ଖାଇବା ତେଲ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀର ଆକାଶଛୁଆଁ ଦରବୃଦ୍ଧି ଯେ ଏହି ସଂଶୋଧିତ ଆଇନ୍‌ର ସିଧାସଳଖ ପରିଣତି ଏଥିରେ କୌଣସି ସନ୍ଦେହ ନାହିଁ। ତେବେ ପୁରୁଣା ଆଇନ୍ ବଳବତ୍ତର ଥିବା ସମୟରେ ମଧ୍ୟ ସରକାରୀ କଳ, ସରକାରୀ ଦଳ, ମହଯୁଦକାରୀ-ମୁନାଫାଖୋର-କଳାବଜାରୀ ମାନଙ୍କର ଅସାଧୁ ମେଣ୍ଟଯୋଗୁ ଏହି ଧରଣର ଦରବୃଦ୍ଧି ଘଟୁଥିଲା। ମାତ୍ର ଜନସାଧାରଣଙ୍କ ସଙ୍ଗଠିତ ଚାପଫଳରେ ସରକାର ହସ୍ତକ୍ଷେପ କରିବାକୁ ବାଧ୍ୟ ହେଉଥିଲେ। ହେଲେ ବର୍ତ୍ତମାନ ଦରଦାମ ହୁ ହୁ ହୋଇ ବଢ଼ି ଚାଲିଥିବାବେଳେ ସରକାର ନିଦାବିଷ୍ଟ ହୋଇ ବସି ରହିଛନ୍ତି। ଏହି ଆଇନ୍‌କୁ ରାଜ୍ୟର ଶାସକ ବିଜେଡ଼ି ଦଳ ସମର୍ଥନ କରିଥିଲେ ମଧ୍ୟ ବର୍ତ୍ତମାନ ରାଜ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଖୋଲାଖୋଲି ଭାବରେ ଘୋଷଣା କରିଛନ୍ତି ଯେ ନୂଆ ଆଇନ୍ ଅନୁଯାୟୀ ଖାଉଟି ସାମଗ୍ରୀର ଦର ବଜାର ହିଁ ସ୍ଥିର କରିବ। ସରକାରଙ୍କର ଏ ବାବଦରେ କିଛି କରିବାର ନାହିଁ।

କେନ୍ଦ୍ର ସରକାର ପ୍ରଣୟନ କରିଥିବା ୩ଟି କୃଷି ଆଇନ୍ ଉପରେ କରାଯାଇଥିବା ସଂକ୍ଷିପ୍ତ ଆଲୋଚନାରୁ ସ୍ପଷ୍ଟ ବୁଝିହେବ ଯେ ଏହି ଆଇନ୍ ଗୁଡ଼ିକର ମିଳିତ ପରିଣାମରେ ଦେଶର କୃଷି କ୍ଷେତ୍ରରେ ଏକଚାଟିଆ ପୁଞ୍ଜିର ପ୍ରବେଶ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବ, କ୍ଷୁଦ୍ର ଚାଷୀ, ନାମମାତ୍ର ଓ ଭାଗଚାଷୀ ତାର ଜମି, ଚାଷ ଓ ଫସଲ ଉପରେ ଅଧିକାର ହରାଇବ। ବିଶାଳକାୟ କର୍ପୋରେଟ୍ କୃଷିପଣ୍ୟ ବ୍ୟବସାୟୀ ମାନଙ୍କୁ କୃଷିପଣ୍ୟ ଖରିଦ୍ କରିବା, ସେସବୁକୁ ଦେଶର ଯେକୌଣସି ସ୍ଥାନକୁ ନେଇଯିବା ଓ ଯେକୌଣସି ପରିମାଣର ମହଯୁଦ କରିବା ପାଇଁ ନିରଙ୍କୁଶ ଅଧିକାର ମିଳିବ। ଗୋଟିଏ ଦିଗରେ ଚାଷୀ ଓ ଅନ୍ୟ ଦିଗରେ ଖାଉଟିକୁ ମନଇଚ୍ଛା ଶୋଷଣ କରି ଏକଚାଟିଆ କୃଷିପଣ୍ୟ ବ୍ୟବସାୟୀମାନଙ୍କୁ ମୁନାଫାର ପାହାଡ଼ ସୃଷ୍ଟି କରିବାକୁ ଲଗାମଛଡ଼ା ଅଧିକାର ଦେବ। ଏହିଭଳି ମାରାତ୍ମକ ଆଇନ୍ ଦେଶର ଚାଷୀମାନଙ୍କ ମୁହଁରେ ହସଫୁଟାଇବ ବୋଲି ଦାବି କରୁଥିବା ସରକାର ବାସ୍ତବରେ ଦେଶର ଏକଚାଟିଆ ପୁଞ୍ଜିପତି, କର୍ପୋରେଟ୍ ହାଉସ୍ ଓ ବିଶାଳକାୟ କୃଷିପଣ୍ୟ ବ୍ୟବସାୟୀମାନଙ୍କ ମୁହଁରେ ହସଫୁଟାଇବା ପାଇଁ ଚାହାଁନ୍ତି, ଦେଶର ସଙ୍କଟଗ୍ରସ୍ତ, ଅଭାବଗ୍ରସ୍ତ ଚାଷୀ ମୁହଁରେ ନୁହେଁ।

ସ୍ୱଭାବିକ ଭାବରେ ଏହି ୩ଟି କୃଷି ଆଇନ୍ ବିରୁଦ୍ଧରେ ସମଗ୍ର ଦେଶରେ ଚାଷୀ ସଙ୍ଗଠନ ଓ ସାଧାରଣ ଚାଷୀ ଲଗାତର ଆନ୍ଦୋଳନ ଜାରି ରଖିଛନ୍ତି। ବିପ୍ଳବୀ ଚାଷୀ ସଙ୍ଗଠନ ଅଲ୍ ଇଣ୍ଡିଆ କିଶାନ କ୍ଷେତମଜଦୁର ସଙ୍ଗଠନ ନେତୃତ୍ୱରେ ଦେଶବ୍ୟାପୀ ପର୍ଯ୍ୟାୟକ୍ରମେ ଏହି ଆନ୍ଦୋଳନ ଚାଲିଛି। ପ୍ରତିରୋଧ ଓ ପ୍ରତିବାଦ ଆନ୍ଦୋଳନକୁ ଆହୁରି ବ୍ୟାପକ, ଦୀର୍ଘସ୍ଥାୟୀ ଓ ଶକ୍ତିଶାଳୀ କରିବାପାଇଁ ଦେଶର ୨୫୦ଟି ଚାଷୀ ସଙ୍ଗଠନ ମିଳିତ ଭାବରେ ଅଲ୍ ଇଣ୍ଡିଆ କିଶାନ ସଂଘର୍ଷ କୋର୍ଡ଼ିନେସନ୍ କମିଟି (AIKKSCC) ନାମକ ଆନ୍ଦୋଳନର ଲଢ଼ୁଆ ମଞ୍ଚ ଗଢ଼ି ତୋଳିଛନ୍ତି ଏବଂ ଏହି ମଞ୍ଚର ଆହ୍ୱାନରେ ଦେଶବ୍ୟାପୀ ମିଳିତ ଚାଷୀ ଆନ୍ଦୋଳନର କର୍ମସୂଚୀ ଗ୍ରହଣ କରାଯାଇଛି। ଅଲ୍ ଇଣ୍ଡିଆ କିଶାନ କ୍ଷେତ ମଜଦୁର ସଙ୍ଗଠନର ଏହି ମଞ୍ଚର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର ଭାବରେ ଏହାର ଭୂମିକା ପାଳନ କରୁଛି। ଇତିପୂର୍ବରୁ ଏଆଇକେଏସ୍‌ସିସି ପକ୍ଷରୁ ସେପ୍ଟେମ୍ବର ୨୫ ତାରିଖରେ 'ଗ୍ରାମୀଣ ଭାରତ ବନ୍ଦ' ଡାକରା ଦିଆଯାଇଥିଲା। ସାଧାରଣ କୃଷକ ଓ ଅନ୍ୟାନ୍ୟ ଶ୍ରମଜୀବୀ ଜନସାଧାରଣଙ୍କ ସମର୍ଥନରେ ଏହି ଆନ୍ଦୋଳନ ସର୍ବୋତ ଭାବରେ ସଫଳ ହୋଇଛି। ଏହି ପରିସ୍ଥିତିରେ ଆସନ୍ତା ୨୬ ତାରିଖରେ ୧୦ଟି କେନ୍ଦ୍ରୀୟ ଟ୍ରେଡ୍‌ୟୁନିୟନ୍ ପକ୍ଷରୁ ଆହୂତ ସର୍ବଭାରତୀୟ ଧର୍ମଘଟରେ ଚାଷୀ ସଙ୍ଗଠନ ମାନେ ସକ୍ରିୟଭାବରେ ସାମିଲ ହୋଇଛନ୍ତି। ସର୍ବସ୍ତରର ସାଧାରଣ ଲୋକଙ୍କ ଜୀବନ ଜୀବିକାର ଦାବିରେ ଆହୂତ ହୋଇଥିବା ଏହି ଧର୍ମଘଟକୁ ସଫଳ କରିବାପାଇଁ ଆମେ ଅଲ୍ ଇଣ୍ଡିଆ କିଶାନ କ୍ଷେତମଜଦୁର ସଙ୍ଗଠନ ପକ୍ଷରୁ ରାଜ୍ୟର ଚାଷୀ, ମୂଲିଆ, ସମସ୍ତ ସ୍ତରର ମେହେନତୀ, ମଧ୍ୟବିତ୍ତ, ନିମ୍ନ ମଧ୍ୟବିତ୍ତ ଜନସାଧାରଣଙ୍କୁ ନିବେଦନ କରୁଛୁ।

## ଛାତ୍ର-ଅଧ୍ୟାପକ-କର୍ମଚାରୀ ବିରୋଧୀ...

(ଚତୁର୍ଥ ପୃଷ୍ଠାର ଅବଶିଷ୍ଟାଂଶ)

ହାସଲ କରିଛି। ରେଭେନ୍ସା ପ୍ରତିଷ୍ଠାର ୧୫୦ବର୍ଷ ଭିତରେ ପାଠ ପଢ଼ିଥିବା ହଜାର ହଜାର ଛାତ୍ରଛାତ୍ରୀ, ଜନଗଣଙ୍କର ଆବେଗ ଏହି ଐତିହ୍ୟ ସମ୍ପନ୍ନ ଶିକ୍ଷାନୁଷ୍ଠାନ ପ୍ରତି ରହିଛି। ରେଭେନ୍ସା ବିଶ୍ୱବିଦ୍ୟାଳୟ ଆଇନ ୨୦୦୫ ପ୍ରଣୟନ ଜରିଆରେ ଏହି ଐତିହାସିକ ଶିକ୍ଷାନୁଷ୍ଠାନଟି ବିଶ୍ୱବିଦ୍ୟାଳୟରେ ପରିଣତ ହୋଇଥିଲା। ଏହି ଆଇନ୍ ୧୯୮୯ ଓଡ଼ିଶା ବିଶ୍ୱବିଦ୍ୟାଳୟ ଆଇନ୍ ତୁଳନାରେ ବହୁ କ୍ଷେତ୍ରରେ ପ୍ରଗତିଶୀଳ ଥିଲା। ମାତ୍ର ପରିତାପର ବିଷୟ ବର୍ତ୍ତମାନର ସଂଶୋଧନ ଅଧ୍ୟାଦେଶ ବଳରେ ଏହାକୁ ଉଚ୍ଛେଦ କରି ଦିଆଗଲା। ଫଳରେ ରେଭେନ୍ସାରେ ନୀତି ନିର୍ଦ୍ଧାରଣ ଓ ପ୍ରଶାସନ କ୍ଷେତ୍ରରେ ଯେତିକି ସ୍ୱାଧୀନତା ଓ ସ୍ୱାୟତ୍ତତା ଥିଲା ତାହା ସଂପୂର୍ଣ୍ଣ କ୍ଷୁର୍ଣ୍ଣ ହେବ। ଏହା ରେଭେନ୍ସାର ଛାତ୍ରଛାତ୍ରୀ, ପୂର୍ବସୂରୀ ତଥା ଓଡ଼ିଶାର ଜନଗଣଙ୍କ ପ୍ରତି ଚରମ ପ୍ରତାରଣା।

**ସରକାର ଅର୍ଥ ଦେଉଛନ୍ତି ସେଥିପାଇଁ ବିଶ୍ୱବିଦ୍ୟାଳୟକୁ ନିୟନ୍ତ୍ରଣ କରିବା ଯୁକ୍ତି ସମ୍ପୂର୍ଣ୍ଣ ଭ୍ରାନ୍ତ:**

ଏହି ବିଶ୍ୱବିଦ୍ୟାଳୟ ସଂଶୋଧନ ଆଇନ୍ ସପକ୍ଷରେ ଯୁକ୍ତି ଦେବାକୁ ଯାଇ ସରକାରଙ୍କ ପକ୍ଷରୁ କୁହାଯାଉଛି ଯେ ଯେହେତୁ ରାଜ୍ୟ ସରକାର ବିଶ୍ୱବିଦ୍ୟାଳୟ ଶିକ୍ଷା ପାଇଁ ଆବଶ୍ୟକ ଅର୍ଥର ସିଂହଭାଗ ବହନ କରୁଛନ୍ତି ସେହେତୁ ବିଶ୍ୱବିଦ୍ୟାଳୟ ପରିଚାଳନାରେ ସରକାରଙ୍କ ନିୟନ୍ତ୍ରଣ ଯୁକ୍ତିଯୁକ୍ତ। ଏହା କେବଳ ଭ୍ରାନ୍ତ ନୁହେଁ ବଂର ଏହା ସମ୍ପୂର୍ଣ୍ଣ ଅନ୍ୟାୟ ଏବଂ ଗଣତାନ୍ତ୍ରିକ ଶିକ୍ଷା ଉପରେ ଚରମ କୁଠାରଘାତ। ମନ୍ତ୍ରୀଙ୍କ ଏଭଳି ଦୃଢ଼ୋକ୍ତିରୁ ଜଣାପଡୁଛି ସତେ ଯେମିତି ମନ୍ତ୍ରୀ ଖୋଦ ନିଜ ପକେଟରୁ ଅର୍ଥ ଦେଉଛନ୍ତି ! ସରକାର ଅର୍ଥ ଦେଉଛନ୍ତି, କେଉଁଠୁ ଦେଉଛନ୍ତି ? ସରକାର ରାଜକୋଷରୁ ଦେଉଛନ୍ତି। ଆମେ ଜାଣନ୍ତି ସରକାରୀ ରାଜକୋଷର ୭୦ ଭାଗ ରାଶି ସାଧାରଣ ଲୋକଙ୍କ ପକେଟରୁ ବିଭିନ୍ନ ପ୍ରକାରର ଟିକସ ଜରିଆରେ ସଂଗ୍ରହ କରାଯାଏ। ସମସ୍ତ ପ୍ରକାର ପ୍ରତ୍ୟକ୍ଷ, ପରୋକ୍ଷ ଟିକସକୁ ବାଦ ଦେଇ, କେବଳ ଉଚ୍ଚଶିକ୍ଷା ପାଇଁ ୧ ପ୍ରତିଶତ ଏବଂ ସ୍କୁଲ ଶିକ୍ଷା ପାଇଁ ଦୁଇ ପ୍ରତିଶତ ଶିକ୍ଷା ସେସ୍ ସରକାର ଆଦାୟ କରୁଛନ୍ତି। ଏପରିକି ପେଟ୍ରୋଲ ଲିଟର ପିଛା ସରକାର ପାଖାପାଖି ୫୦ ଟଙ୍କା ଟିକସ ଆଦାୟ କରୁଛନ୍ତି। ଅତି ଗରିବରୁ ଗରିବ ଜନଗଣ ମଧ୍ୟ ନିଜ ପେଟରୁ କାଟି ସରକାରୀ ରାଜକୋଷରେ ଭରଣା କରୁଛନ୍ତି। ତେଣୁ ସରକାରୀ ରାଜକୋଷ କାହାର ବ୍ୟକ୍ତିଗତ ପାଣ୍ଠି ନୁହେଁ। ପ୍ରତ୍ୟେକ ଲୋକର ଏହା ଉପରେ ଅଧିକାର ରହିଛି। ଗୋଟିଏ ଗଣତାନ୍ତ୍ରିକ ଦେଶରେ ଜନଗଣଙ୍କ ଖାଦ୍ୟ, ବସ୍ତ୍ର, ବାସସ୍ଥାନ ପରେ ଶିକ୍ଷା, ସ୍ୱାସ୍ଥ୍ୟ ଭଳି ଅତି ଜରୁରୀ ଆବଶ୍ୟକତା ପୂରଣ କରିବାର ଦାୟିତ୍ୱ ହେଉଛି ସରକାରଙ୍କର। ସେଥିପାଇଁ ସରକାର ଶିକ୍ଷା ପାଇଁ ସମସ୍ତ ପ୍ରକାର ଅର୍ଥ ପ୍ରଦାନ କରିବାକୁ ବାଧ୍ୟ। ମାତ୍ର ସରକାର ଅର୍ଥ ଦେଉଛନ୍ତି ବୋଲି ବିଶ୍ୱବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ହସ୍ତକ୍ଷେପ କରିବେ ତାହା ଆଦୌ ଗ୍ରହଣୀୟ ନୁହେଁ। ଏଥିପାଇଁ ପରାଧିନ ଭାରତବର୍ଷରେ ମଧ୍ୟ ଶିକ୍ଷାର ସ୍ୱାତନ୍ତ୍ର୍ୟ ରକ୍ଷା ପାଇଁ ବହୁ ଲଢ଼େଇ ହୋଇଛି।

ଏଠାରେ ଅତୀତର ମହାନ୍ ଶିକ୍ଷାବିତ୍‌ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଶିକ୍ଷାଗୁଡ଼ିକୁ ସ୍ମରଣ କରାଯାଇପାରେ। ପ୍ରାକ୍ ସ୍ୱାଧୀନତା ଯୁଗରେ କଲିକତା ବିଶ୍ୱବିଦ୍ୟାଳୟକୁ ନିଜ ନିୟନ୍ତ୍ରଣକୁ ଆଣିବା ଉଦ୍ଦେଶ୍ୟରେ ବ୍ରିଟିଶ ସରକାର ଯେତେବେଳେ ଅର୍ଥ ମଞ୍ଜୁର କରିବା ପାଇଁ ଚାହିଁଥିଲେ, ସେ ସମୟରେ କଲିକତା ବିଶ୍ୱବିଦ୍ୟାଳୟର ତତ୍କାଳୀନ ସ୍ୱାଧୀନଚେତା କୁଳପତି ସାର ଆଶୁତୋଷ ମୁଖାର୍ଜୀ ସରକାରୀ ଅର୍ଥକୁ ପ୍ରତ୍ୟାଖ୍ୟାନ କରି ଦୃଢ଼ କଣ୍ଠରେ କହିଥିଲେ, "ତୁମେ ମୋତେ ଏକ ପକ୍ଷରେ ଦାସତ୍ୱ ଓ ଅନ୍ୟ ପକ୍ଷରେ ଅର୍ଥ ଦେଉଛ। ଏପରି ଅନୁଦାନକୁ ମୁଁ ଘୃଣା କରେ। ମୁଁ କେବେହେଲେ ଅର୍ଥ ଗ୍ରହଣ କରିବି ନାହିଁ। ଆମେ ଆମର ବ୍ୟୟ କାଟ କରିବୁ, ଛଟେଇ ହେବୁ- ନିଜ ସମ୍ବଳରେ ଚଳିବୁ- ଉପବାସରେ ରହିବୁ, ଦ୍ୱାରେ ଦ୍ୱାରେ ବୁଲି ସାହାଯ୍ୟ ମାଗିବୁ। ମୁଁ ଆମର ସ୍ନାତକୋତ୍ତର ଶ୍ରେଣୀର ଶିକ୍ଷକମାନଙ୍କୁ କହିବି ଆମର ସ୍ୱାଧୀନତାକୁ ରକ୍ଷା କରିବାକୁ ଯାଇ ବରଂ ସେମାନଙ୍କର ପରିବାର ଉପବାସରେ ରହନ୍ତୁ। ମୁଁ ବିଶ୍ୱବିଦ୍ୟାଳୟର ଜଣେ ସଭ୍ୟ ଭାବରେ ତୁମମାନଙ୍କୁ କହିବି, ତୁମେ ସରକାରଙ୍କୁ ଭୁଲିଯାଅ, ଭାରତ ସରକାରଙ୍କୁ ଭୁଲିଯାଅ, ଏହି ବିଶ୍ୱ ବିଦ୍ୟାଳୟର ଜଣେ ସିନେଟ ସଭ୍ୟଭାବରେ ନିଜର କର୍ତ୍ତବ୍ୟ କରିଯାଅ। ସ୍ୱାଧୀନତା ପ୍ରଥମ-ସ୍ୱାଧୀନତା ହିଁ ଦ୍ୱିତୀୟ ସ୍ୱାଧୀନତା ସଦାସର୍ବଦା କାମ୍ୟ।"

ପଣ୍ଡିତ ଗୋପବନ୍ଧୁ ଜନଗଣଙ୍କ ସାହାଯ୍ୟ ନେଇ ସତ୍ୟବାଦୀ ବନବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ, ଉନ୍ନତ ଚରିତ୍ର ଓ ସଂସ୍କୃତିସମ୍ପନ୍ନ ସ୍ୱାଧୀନଚେତା ନାଗରିକ ସୃଷ୍ଟି କରିବାପାଇଁ। ସେହି ଆଦର୍ଶ ବିଦ୍ୟାଳୟ ଯେତେବେଳେ ଅର୍ଥାଭାବରୁ ଅଚଳ ହୋଇ ଆସୁଥିଲା, କେତେକ ହିତାକାଂକ୍ଷୀ ବନ୍ଧୁ ସରକାରଙ୍କଠାରୁ ଆର୍ଥିକ ସାହାଯ୍ୟ ନେବାପାଇଁ ତାଙ୍କୁ ଅନୁରୋଧ କରିଥିଲେ। ମାତ୍ର ଗୋପବନ୍ଧୁ ବନବିଦ୍ୟାଳୟର ସ୍ୱାଧୀନତାକୁ ଅର୍ଥ ବିନିମୟରେ ହରାଇବା ପାଇଁ ପ୍ରସ୍ତୁତ ନ ଥିଲେ। ତାଙ୍କ ଆଖି ଆଗରେ ବନବିଦ୍ୟାଳୟ ପ୍ରାୟ ଭାଙ୍ଗିଯିବାକୁ ବସିଥିବା ସତ୍ତ୍ୱେ ସେ ଏ ପ୍ରକାର ଦାସତ୍ୱକୁ ବରଣ କରିନାହାନ୍ତି। ସେ ଅତ୍ୟନ୍ତ ବ୍ୟଥାତୁର ଭାବେ କହିଥିଲେ, 'ମୁଁ ମଣିଷ ତିଆରି କରିବାକୁ ଚାହେଁ, ଦାସତ୍ୱବୃତ୍ତି ଶିକ୍ଷା ଦେବାକୁ ଚାହେଁନା। ତୁମେ ସବୁ ଜାଣ କେତେ କଷ୍ଟରେ ଏ ଅନୁଷ୍ଠାନଟି ଚାଲିଛି। ତାକୁ ପରହାତରେ ବିକି ଦେବାପାଇଁ ମୋତେ ପ୍ରବର୍ତ୍ତାଅନା। ସବୁ ଚାଲିଯାଇପାରେ, କିନ୍ତୁ ସ୍ୱାଧୀନତା ଓ ମନୁଷ୍ୟତ୍ୱକୁ କୌଣସି ଆଳରେ ଜଳାଞ୍ଜଳି ଦିଆଯାଇପାରିବ ନାହିଁ। ଏହା ହିଁ ଥିଲା ଗୋପବନ୍ଧୁଙ୍କର ଦୃଢ଼ ପ୍ରତ୍ୟୟ। ବମ୍ବେ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ତଥା ପୂର୍ବତନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀଯୁକ୍ତ ଏମ୍.ସି. ଛାଗଲା ମଧ୍ୟ ଏକଥା କହିଥିଲେ ଯେ ଦେଶର ସମସ୍ତ ବିଶ୍ୱବିଦ୍ୟାଳୟ କେନ୍ଦ୍ର ସରକାରଙ୍କ ବିଭିନ୍ନ ପ୍ରକାର ଚାପକୁ ବେଖାତିର କରି ନିଜର ସ୍ୱାତନ୍ତ୍ର୍ୟ ରକ୍ଷା କରିବା ପାଇଁ ଚେଷ୍ଟା କରିବା ଦରକାର।

ଏକଥା ସମସ୍ତେ ଜାଣନ୍ତି ଯେ, ଶିକ୍ଷା ବ୍ୟବସ୍ଥାର ବିଭିନ୍ନ ଶାଖାରେ ଯେଉଁ ବିଶାଳ ଜ୍ଞାନଭଣ୍ଡାର ସମାଜ ଓ ପ୍ରକୃତି ସହିତ ସଂଗ୍ରାମ କରି ମଣିଷ ଅର୍ଜନ କରିଛି ତାକୁ ନିର୍ଦ୍ୱିଧାରେ ଓ ବାଧାହୀନ ଭାବେ ସମସ୍ତ ଜନଗଣଙ୍କ ନିକଟରେ ପହଞ୍ଚାଇବା ଅତ୍ୟନ୍ତ ଜରୁରୀ। ଯାହାଫଳରେ ସମାଜ ଓ ପ୍ରକୃତି ସମ୍ପର୍କରେ ଜନସାଧାରଣଙ୍କ ନୀତି ନୈତିକତା ଓ ଚରିତ୍ର ମଧ୍ୟ ସୃଷ୍ଟି ହୋଇ ପାରିବ। ମାତ୍ର ଶିକ୍ଷା ବ୍ୟବସ୍ଥାରେ ଏହି ସରକାରୀ ନିୟନ୍ତ୍ରଣ ଜାରୀ କରାଗଲେ ଶ୍ରେଣୀବିଭକ୍ତ ସମାଜରେ ଶାସକଶ୍ରେଣୀ ତାର ନିଜସ୍ୱ ପ୍ରୟୋଜନ ଓ ଦୃଷ୍ଟିଭଙ୍ଗୀ ଅନୁଯାୟୀ ଶିକ୍ଷା ବ୍ୟବସ୍ଥାକୁ ପରିଚାଳିତ କରିପାରିବ। ପରିଣାମତଃ ଦେଶରେ ସ୍ୱାଧୀନଚେତା ନାଗରିକ ସୃଷ୍ଟି ହେବା ପରିବର୍ତ୍ତେ କେତେକ ସରକାରୀ ଆଜ୍ଞାବହ ସୃଷ୍ଟି ହେବେ।

**ଅଧ୍ୟାଦେଶ ବନାମ ଜାତୀୟ ଶିକ୍ଷା ନୀତି -୨୦୨୦:**

ଉପରୋକ୍ତ ଆଲୋଚନାରୁ ଆମେ ଦେଖିଲେ ଏହି ଅଧ୍ୟାଦେଶ ବିଶ୍ୱବିଦ୍ୟାଳୟର ସ୍ୱାୟତ୍ତତାକୁ ସଂପୂର୍ଣ୍ଣ ଧ୍ୱଂସ କରିବ ଏବଂ ବିଶ୍ୱବିଦ୍ୟାଳୟ ପରିଚାଳନା, ନିଯୁକ୍ତିରେ ରାଜ୍ୟ ସରକାରଙ୍କର ହସ୍ତକ୍ଷେପ ବ୍ୟାପକ ମାତ୍ରାରେ ବୃଦ୍ଧି ପାଇବ। ଏହି କଳା ଆଇନ ବିରୁଦ୍ଧରେ ଓଡିଶାର ଛାତ୍ରସମାଜ, ବୁଦ୍ଧିଜୀବୀ, ଶିକ୍ଷା ପ୍ରେମୀ ଜନଗଣ କରୋନା ମହାମାରୀ ପରିସ୍ଥିତି ସତ୍ତ୍ୱେ ବହୁ ଐତିହାସିକ ଆନ୍ଦୋଳନମାନ ସଂଗଠିତ କରିଛନ୍ତି। ଏଭଳି ବିରୋଧ, ପୁଣି କୌଣସି ଶିକ୍ଷାଗତ ଦାବି ଉପରେ ଓଡିଶାର ଜନଗଣ ଏହା ପୂର୍ବରୁ କେବେ ବି ଦେଖି ନଥିବେ। ମାତ୍ର ପରିତାପର ବିଷୟ ସମସ୍ତ ପ୍ରକାର ବିରୋଧକୁ ବେଖାତିର କରି ରାଜ୍ୟ ସରକାର ଅତ୍ୟନ୍ତ ଅନ୍ୟାୟ, ଅଗଣତାନ୍ତ୍ରିକ ଭାବରେ ଏହି ଆଇନ୍‌କୁ ବିଧାନସଭାରେ ପାରିତ କରିଛନ୍ତି। ଏହି ଆନ୍ଦୋଳନ ପରିପ୍ରେକ୍ଷୀରେ ଆଉ ଗୋଟିଏ ଦିଗ ଏଠାରେ ବିଶେଷଭାବେ ଉଲ୍ଲେଖ ଯୋଗ୍ୟ। ତାହା ହେଉଛି ରାଜ୍ୟରେ କିଛି ବ୍ୟକ୍ତି ବିଭ୍ରାନ୍ତିକର ପ୍ରଚାର ଚଳାଇଛନ୍ତି ଯେ କେନ୍ଦ୍ର ସରକାର ଜାତୀୟ ଶିକ୍ଷା ନୀତି-୨୦୨୦ ମାଧ୍ୟମରେ ବିଶ୍ୱବିଦ୍ୟାଳୟ ମାନଙ୍କୁ ସ୍ୱାୟତ୍ତତା ପ୍ରଦାନ କରିବାକୁ ଚାହୁଁଥିଲାବେଳେ ରାଜ୍ୟ ସରକାର ଏହି ଆଇନ୍ ପ୍ରଣୟନ କରି ସ୍ୱାୟତ୍ତତା ହରଣ କରୁଛନ୍ତି। ଏହା ସଂପୂର୍ଣ୍ଣ ମିଥ୍ୟା, ବରଂ ଜାତୀୟ ଶିକ୍ଷା ନୀତି-୨୦୨୦ ବିରୁଦ୍ଧରେ ଚାଲିଥିବା ଆନ୍ଦୋଳନକୁ ଦୁର୍ବଳ କରିବା ପାଇଁ ବିଜେପି-ଆରଏସଏସ ସମର୍ଥିତ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ଏହା ସୁପରିକଳ୍ପିତ ପ୍ରଚାର। ଯେଉଁ ୬୬ପୃଷ୍ଠାର ନୂତନ ଜାତୀୟ ଶିକ୍ଷାନୀତି-୨୦୨୦ଦସ୍ତାବିଜକୁ କେନ୍ଦ୍ର ସରକାର କ୍ୟାବିନେଟ୍‌ରେ ଅନୁମୋଦନ କରିଛନ୍ତି ସେଥିରେ କୌଣସି ଜାଗାରେ ବିଶ୍ୱବିଦ୍ୟାଳୟ ପରିଚାଳନାରେ କୁଳପତି, ସିନେଟ୍, ସିଣ୍ଡିକେଟ୍, ଏକାଡେମିକ୍ କ୍ୟାଉନସିଲ୍‌ର ଭୂମିକା ବିଷୟରେ ଉଲ୍ଲେଖ କରାଯାଇ ନାହିଁ। ଆମେ ଜାଣିଛନ୍ତି ବିଶ୍ୱବିଦ୍ୟାଳୟ କହିଲେ କୁଳାଧିପତିଙ୍କ ଠାରୁ ଅରମ୍ଭ କରି କୁଳପତି, ସିନେଟ୍, ସିଣ୍ଡିକେଟ୍, ଏକାଡେମିକ୍ କ୍ୟାଉନସିଲ୍‌କୁ ବୁଝାଏ। ମାତ୍ର ଏହି ନୂତନ ଜାତୀୟ ଶିକ୍ଷାନୀତି ଏସବୁକୁ ସଂପୂର୍ଣ୍ଣ ଅସ୍ୱୀକାର କରୁଛି। ଏନ୍.ଇ.ପି-୨୦୨୦ ବିଶ୍ୱବିଦ୍ୟାଳୟ ପରିଚାଳନା ପାଇଁ ବୋର୍ଡ ଅଫ୍ ଗଭରର୍ନସ (Board of Governors) କଥା କହୁଛି (ଚ୍ୟାପ୍ଟର-୧୯)। ଏହି ବୋର୍ଡ ଅଫ୍ ଗଭରର୍ନସର ହିଁ ସ୍ୱାୟତ୍ତତା ରହିବ। ତେବେ ଏଠାରେ ପ୍ରଶ୍ନ ଉଠୁଛି ଏହି ବୋର୍ଡ ଅଫ୍ ଗଭରର୍ନସକୁ କେଉଁମାନେ, କିପରି ନିର୍ବାଚିତ ହେବେ। ଯେତେ ଲୁଚାଇ ବୁଲାଇ କହିଲେ ବି ଏନ୍.ଇ.ପି-୨୦୨୦ ଦସ୍ତାବେଜ ଦର୍ଶାଉଛି କେନ୍ଦ୍ର ସରକାର ହିଁ ସମସ୍ତ ବିଶ୍ୱବିଦ୍ୟାଳୟମାନଙ୍କରେ ବୋର୍ଡ ଅଫ୍ ଗଭରର୍ନସ୍ ଗଠନ କରିବେ। ଅର୍ଥାତ କେନ୍ଦ୍ର ସରକାର ନିଜ ଲୋକମାନଙ୍କୁ ହିଁ ଏହାର ସଦସ୍ୟତା ପାଇଁ ମନୋନୀତ କରିବେ। କହିବାକୁଗଲେ ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାର ବିଭିନ୍ନ ଆଳରେ ବିଶ୍ୱବିଦ୍ୟାଳୟ ମାନଙ୍କର ସ୍ୱାୟତ୍ତତା ହରଣ କରି ଶିକ୍ଷାର ବ୍ୟବସାୟୀକରଣ, ଘରୋଇକରଣର ରାସ୍ତାକୁ ପ୍ରଶସ୍ତ କରୁଛନ୍ତି।

**ବିଶ୍ୱବିଦ୍ୟାଳୟ ସ୍ୱାୟତ୍ତତା ହରଣ ଆଇନ୍ ବିରୁଦ୍ଧରେ ଶକ୍ତିଶାଳୀ ଆନ୍ଦୋଳନ ଗଢିତୋଳନ୍ତୁ**

ଏହା ଦିବାଲୋକଭଳି ସ୍ପଷ୍ଟଯେ, ଏହି ବିଶ୍ୱବିଦ୍ୟାଳୟ ସଂଶୋଧନ ଆଇନ୍ ଦ୍ୱାରା ବିଶ୍ୱବିଦ୍ୟାଳୟ ପରିଚାଳନାରେ ରାଜ୍ୟ ସରକାରଙ୍କ ହସ୍ତକ୍ଷେପ ବୃଦ୍ଧି ପାଇବ। ଗଣତାନ୍ତ୍ରିକ ଉପାୟରେ ନିର୍ବାଚିତ ପ୍ରତିନିଧି, ସେ ବିଶ୍ୱବିଦ୍ୟାଳୟ ସହବନ୍ଧିତ କଲେଜର ଶିକ୍ଷକ ହୁଅନ୍ତୁ ବା ବିଶ୍ୱବିଦ୍ୟାଳୟର ପୂର୍ବତନ ସ୍ନାତକ ହୁଅନ୍ତୁ, ଛାତ୍ର ହୁଅନ୍ତୁ ବା ବୁଦ୍ଧିଜୀବୀ ହୁଅନ୍ତୁ ସେମାନଙ୍କର ଭୂମିକା ସିନେଟ ଉଚ୍ଛେଦ କରିବା ଭିତର ଦେଇ ସଂପୂର୍ଣ୍ଣ ଧ୍ୱଂସ ହେବ। ଗଣତାନ୍ତ୍ରିକ, ଧର୍ମନିରପେକ୍ଷ ଏବଂ ବିଜ୍ଞାନସମ୍ମତ ଶିକ୍ଷା ପ୍ରଚଳନ ପାଇଁ ତଥା ଶିକ୍ଷାର ସ୍ୱାୟତ୍ତତା ପାଇଁ ନବଜାଗରଣ ଯୁଗର ମହାମନିଷୀ ଓ ସ୍ୱାଧୀନତା ଆନ୍ଦୋଳନର ବୀର ଯୋଦ୍ଧାମାନେ ଯେଉଁ ମରଣପଣ ଲଢେଇ କରିଥିଲେ ବର୍ତ୍ତମାନର ସରକାରଙ୍କର ଏହି ସ୍ୱାୟତ୍ତତା ହରଣ ନିଷ୍ପତ୍ତି ସେହି ମହାନ ଯୋଦ୍ଧାମାନଙ୍କ ପ୍ରତି ଚରମ ଅବମାନନା। କରୋନା ସଙ୍କଟର ସୁଯୋଗ ନେଇ ଶିକ୍ଷାର ଘରୋଇକରଣ ଓ ବ୍ୟବସାୟୀକରଣକୁ ବିନା ବାଧାରେ ତ୍ୱରାନ୍ୱିତ କରିବା ପାଇଁ ବିଶ୍ୱବିଦ୍ୟାଳୟର ସ୍ୱାୟତ୍ତତାକୁ ସରକାର ଆଜି ଧ୍ୱଂସ କରୁଛନ୍ତି। ତେଣୁ ସମସ୍ତ ଶକ୍ତି ଦେଇ ଏହି କଳା ଅଧ୍ୟାଦେଶକୁ ଦୃଢ ବିରୋଧ କରିବାକୁ ଓଡିଶାର ଶିକ୍ଷାବିତ୍, ଅଧ୍ୟାପକ, ବୁଦ୍ଧିଜୀବୀ, ଅଭିଭାବକ ତଥା ଛାତ୍ରସମାଜକୁ ଆମେ ଆହ୍ୱାନ କରୁଛୁ।

# ୨୬ ନଭେମ୍ବର ୨୦୨୦ ସାଧାରଣ ଧର୍ମଘଟକୁ ସଫଳ କରିବା ପାଇଁ ଏ.ଆଇ.ୟୁ.ଟି.ୟୁ.ସି.ର ପ୍ରସ୍ତୁତି କାର୍ଯ୍ୟକ୍ରମ

ଏ.ଆଇ.ୟୁ.ଟି.ୟୁ.ସି. ସମେତ ୧୦ଟି କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ୍ ଓ କର୍ମଚାରୀ ଫେଡ଼େରେସନମାନଙ୍କ ମିଳିତ ଆହ୍ୱାନରେ ୨୬ ନଭେମ୍ବର ୨୦୨୦ ସାରା ଭାରତ ସାଧାରଣ ଧର୍ମଘଟ ସଙ୍ଗଠିତ ହେବାକୁ ଯାଉଛି। ଶ୍ରମିକ ବିରୋଧୀ ଶ୍ରମକୋଡ, କୃଷକ ବିରୋଧି କୃଷି ଆଇନ, ଅତ୍ୟାବଶ୍ୟକ ସାମଗ୍ରୀ ଆଇନର ଜନବିରୋଧି ସଂଶୋଧନ, ବିଦ୍ୟୁତ୍ କର୍ମଚାରୀ ଓ ଉପଭୋକ୍ତା ବିରୋଧି ବିଦ୍ୟୁତ୍ ସଂଶୋଧନ ଆଇନ୍-୨୦୨୦, ଶିକ୍ଷା-ସଭ୍ୟତା ଧ୍ୱଂସକାରୀ ନୂତନ ଜାତୀୟ ଶିକ୍ଷାନୀତି-୨୦୨୦, ରେଳସେବା ସମେତ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଓ ସରକାରୀ କ୍ଷେତ୍ରର ଘରୋଇକରଣ ଆଦି




ବାରିପଦାଠାରେ ଶ୍ରମିକ ସଙ୍ଗଠନମାନଙ୍କର ମିଳିତ କନ୍‌ଭେନ୍‌ସନ୍

କେନ୍ଦ୍ର ସରକାରଙ୍କର ଶ୍ରମିକ, କୃଷକ ଓ ଜନବିରୋଧି ନୀତି ବିରୋଧରେ ସଙ୍ଗଠିତ ହେବାକୁ ଯାଉଥିବା ଏହି ଧର୍ମଘଟକୁ ଓଡ଼ିଶା ରାଜ୍ୟରେ ସମ୍ପୂର୍ଣ୍ଣ ସଫଳ କରିବା ନିମନ୍ତେ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ୍ ଓ କର୍ମଚାରୀ ଫେଡ଼େରେସନ ମାନଙ୍କ ମିଳିତ ଉଦ୍ୟୋଗରେ ରାଜ୍ୟ ସ୍ତରରେ ଓ ବିଭିନ୍ନ ଜିଲ୍ଲାସ୍ତରୀୟ ମିଳିତ କନ୍‌ଭେନସନ ସଙ୍ଗଠିତ ହୋଇଯାଇଛି। ଭୁବନେଶ୍ୱର, କଟକ, ଖୋର୍ଦ୍ଧା, ବାରିପଦା, ଜଗତସିଂହପୁର, ରାଉରକେଲା, ଅନୁଗୁଳ, ଭଦ୍ରକ, ବାଲେଶ୍ୱର, ଜୟପୁର, ଯାଜପୁର ରୋଡ଼ ପ୍ରଭୃତି ସ୍ଥାନରେ ଏହି ଧରଣର ମିଳିତ କନ୍‌ଭେନ୍‌ସନ୍ ମାନ ଅନୁଷ୍ଠିତ ହୋଇଯାଇଛି।



ରାଉରକେଲାଠାରେ ଅନୁଷ୍ଠିତ କନ୍‌ଭେନସନ୍‌ର ଏକାଂଶ

ଏହି ସାଧାରଣ ଧର୍ମଘଟକୁ ଓଡ଼ିଶା ରାଜ୍ୟରେ ସଫଳ କରିବା ପାଇଁ ଏ.ଆଇ.ୟୁ.ଟି.ୟୁ.ସି. ପକ୍ଷରୁ ଏକକ ଭାବେ ମଧ୍ୟ ବହୁ କାର୍ଯ୍ୟକ୍ରମ ସଙ୍ଗଠିତ କରାଯାଇଛି। ୧୦ ନଭେମ୍ବର ଦିନ ଏ.ଆଇ.ୟୁ.ଟି.ୟୁ.ସି.ର କର୍ମୀ ସଙ୍ଗଠକମାନଙ୍କୁ ନେଇ ଏକ ଅନ୍‌ଲାଇନ୍ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମିଳିତ ଆନ୍ଦୋଳନ ଓ ୨୬ ନଭେମ୍ବର ସାଧାରଣ ଧର୍ମଘଟର ତାତ୍‌ପର୍ଯ୍ୟ ଏବଂ ଆମର ଭୂମିକା ସମ୍ପର୍କରେ ଏ.ଆଇ.ୟୁ.ଟି.ୟୁ.ସି.ର ସର୍ବଭାରତୀୟ ସାଧାରଣ ସମ୍ପାଦକ କମ୍ରେଡ୍ ଶଙ୍କର ଦାସଗୁପ୍ତ ମୁଖ୍ୟ ଆଲୋଚକ ଭାବେ ଆଲୋଚନା କରିଥିଲେ। ଏହା ବ୍ୟତୀତ ରାଉରକେଲା, ଅନୁଗୁଳ, ତାଳଚେର, କଣିହାଁ, କଳିଙ୍ଗନଗର ଯାଜପୁର ସମେତ ରାଜ୍ୟର ବିଭିନ୍ନ ଶିଳ୍ପାଞ୍ଚଳ ଏବଂ କଟକ, ଯାଜପୁର, ଖୋର୍ଦ୍ଧା, ଜଗତସିଂହପୁର, ବାଲେଶ୍ୱର, ଭଦ୍ରକ, ମୟୁରଭଞ୍ଜ, ସୁନ୍ଦରଗଡ଼, କୋରାପୁଟ, ଗଞ୍ଜାମ, ସମ୍ବଲପୁର, ବୌଦ୍ଧ, କେନ୍ଦ୍ରାପଡ଼ା ଆଦି ଜିଲ୍ଲାରେ ଶିଳ୍ପ ଶ୍ରମିକ, ନିର୍ମାଣ ଶ୍ରମିକ, ପରିଚାରିକା, ସ୍ୱାବଲମ୍ବୀ କାରିଗର, ମଧ୍ୟାହ୍ନଭୋଜନ ପାଚିକା, ଆଶାକର୍ମୀମାନଙ୍କୁ ନେଇ ସଭା, ଶୋଭାଯାତ୍ରାମାନ ସଙ୍ଗଠିତ କରାଯାଇଛି।

# ଆଳୁ, ପିଆଜ ଓ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ଲଗାମଛଡା ମୂଲ୍ୟବୃଦ୍ଧି ପ୍ରତିବାଦରେ ଏସ.ୟୁ.ସି.ଆଇ(ସି) ପକ୍ଷରୁ ବିକ୍ଷୋଭ




ଦରଦାମ ବୃଦ୍ଧି ପ୍ରତିବାଦରେ କଟକ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

କରୋନା ସଙ୍କଟ ସମୟରେ ସମସ୍ତ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ଆକାଶଛୁଆଁ ଦରବୃଦ୍ଧି ଫଳରେ ସାଧାରଣ ଲୋକର ବର୍ତ୍ତମାନ ବଞ୍ଚିବା ଅତ୍ୟନ୍ତ ଦୁର୍ବିସହ ହୋଇପଡିଛି। ଆଳୁ, ପିଆଜ, ଡାଲି, ତେଲ ଓ ପନି ପରିବାଠାରୁ ଆରମ୍ଭ କରି ପ୍ରତ୍ୟେକ ଖାଦ୍ୟ ସାମଗ୍ରୀର ଲଗାମହୀନ ମୂଲ୍ୟ ବୃଦ୍ଧି ଘଟିଚାଲିଛି। ଅନ୍ୟ ଦିଗରେ ରାଜ୍ୟରେ ଲକ୍ଷ ଲକ୍ଷ ଲୋକ ଚାକିରୀ ହରାଇଛନ୍ତି। ସେହଭିଳି ବଭିନ୍ନ କ୍ଷେତ୍ରରେ ଶ୍ରମିକ ଓ କର୍ମଚାରୀ ଛଟେଇ ହୋଇଛନ୍ତି। ବେକାରୀ ସମସ୍ୟାରେ ରାଜ୍ୟ ଏକ ନମ୍ବରରେ ପହଞ୍ଚିଛି। ଗାଁ ଓ ସହରରେ ଲକ୍ଷ ଲକ୍ଷ ଲୋକ କାମ ପାଉ ନାହାନ୍ତି। ରାଜ୍ୟ ଭିତରେ ମୂଲ-ମଜୁରୀ ନାହିଁ ପ୍ରବାସୀ ଶ୍ରମିକଙ୍କୁ ପଚାରୁଛି କିଏ ? ଏହି ପରିସ୍ଥିତିରେ ନଭେମ୍ବର ୪ ତାରିଖ ଦିନ ଦରଦାମ ବୃଦ୍ଧି ପ୍ରତିବାଦରେ ଏସ୍.ୟୁ.ସି.ଆଇ(ସି) ପକ୍ଷରୁ କଟକ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ଦାବି କରାଯାଇଛି। ଏସ୍.ୟୁ.ସି.ଆଇ(ସି) ଜିଲ୍ଲା ସଂପାଦକ କମ୍ରେଡ୍ ବିଶ୍ୱାବସୁ ଦାସଙ୍କ ନେତୃତ୍ୱରେ ଜିଲ୍ଲା କମିଟି ସଭ୍ୟ କମ୍ରେଡ୍ ଖଗେଶ୍ୱର ସେଠି, ବସନ୍ତ ନାୟକ, ରାଜକିଶୋର ମଲ୍ଲିକ, ସିଦ୍ଧାର୍ଥ ରଥ, ଭାଗ୍ୟରବି ଦାସ, ସସ୍ମିତା ମହାନ୍ତି, ବିନୋଦ ସେଠି, ତରୁଣସେନ ନାୟକ, ଶିବାନୀ ସାହୁ, ଶୁଭସ୍ମିତା ସାହୁ, ପାଭେଲ ପ୍ରିୟଦର୍ଶନ, ପ୍ରତାପ ଚନ୍ଦ୍ର ମିଶ୍ର, ବିଶ୍ୱନାଥ ବେହେରା, ଟିକା ସାମଲ, ଶୋଭା ଦେହୁରୀ, ଭାଗ୍ୟଶ୍ରୀ ପ୍ରଧାନ, ଜ୍ୟୋସ୍ନାରାଣୀ ଦାସ, ସିପ୍ରା ମହାନ୍ତି ପ୍ରମୁଖ ବିକ୍ଷୋଭରେ ଉପସ୍ଥିତ ଥିଲେ। ଜିଲ୍ଲାପାଳଙ୍କ ଜରିଆରେ ମୁଖମନ୍ତ୍ରୀଙ୍କୁ ସ୍ମାରକପତ୍ର ପଠାଯାଇଛି।

# ଶହୀଦ୍ ବିର୍ସାମୁଣ୍ଡାଙ୍କ ଜୟନ୍ତୀ ପାଳିତ




**ଭୁବନେଶ୍ୱର:** ଶହୀଦ୍ ବିର୍ମାମୁଣ୍ଡାଙ୍କ ୧୪୫ତମ ଜନ୍ମବାର୍ଷିକୀ ରାଜ୍ୟ ଜନଅଧିକାର ସୁରକ୍ଷା କମିଟି ପକ୍ଷରୁ ଯଥାଯୋଗ୍ୟ ମର୍ଯ୍ୟାଦାର ସହ ପାଳିତ ହୋଇଯାଇଛି। ନଭେମ୍ବର ୧୧ ତାରିଖରେ ଭୁବନେଶ୍ୱର ସାଲିଆସାହିର 'ହୋ' ସମାଜ ନିକଟରେ ଅବସ୍ଥାପିତ ଶହୀଦ ବିର୍ସାମୁଣ୍ଡାଙ୍କ ପ୍ରତିକୃତି ଜୟନ୍ତୀ ନିକଟରେ ପାଳିତ ହୋଇଯାଇଛି। ଏହାଛଡ଼ା ଜି.ଡ଼ି.ପି କଲୋନୀ ନିକଟରେ ମୁଣ୍ଡା ବସ୍ତି ନିକଟରେ ମଧ୍ୟ ଏକ ବିର୍ସାମୁଣ୍ଡାଙ୍କ ଫଟୋଚିତ୍ର ରଖି ମାଲ୍ୟାର୍ପଣ କରାଯାଇଛି। ସାଲିଆସାହିଠାରେ ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ଶ୍ରମିକ ନେତା କମ୍ରେଡ୍ ପୂର୍ଣ୍ଣ ଚନ୍ଦ୍ର ବେହେରା, ନିରଞ୍ଜନ ମହାନ୍ତି ଓ ସନ୍ତୋଷ ଡିଗଲ ପ୍ରମୁଖ ବକ୍ତବ୍ୟ ରଖିଥିବାବେଳେ ମୁଣ୍ଡା ସାହିରେ କମ୍ରେଡ୍ ସନ୍ତୋଷ ରଥ ଓ ପ୍ରଭା ମଞ୍ଜୁଳା ବ୍ରହ୍ମ ବକ୍ତବ୍ୟ ରଖି ଶହୀଦ ବିର୍ସାମୁଣ୍ଡାଙ୍କ ସ୍ମୃତିଚାରଣ କରିଥିଲେ। ସଭାପରେ ଆଦିବାସୀଙ୍କ ପାରମ୍ପରିକ ନାଚ-ବାଦ୍ୟ ଅନୁଷ୍ଠିତ ହୋଇଥିଲା।

**ଆନନ୍ଦପୁର:** ନଭମ୍ବେର ୧୫ ତରିଖ ଦିନ ଅଲ୍ ଇଣ୍ଡିଆ ଡି.ୱାଇ.ଓ ପକ୍ଷରୁ ଆନନ୍ଦପୁର ସବ୍‌ଡିଭିଜନର ବାଇଗୁଣ୍ଡି ଓ ମନୋହରପୁରଠାରେ ଶହୀଦ୍ ବିର୍ସାମୁଣ୍ଡାଙ୍କ ଜନ୍ମଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଡି.ୱାଇ.ଓ. ସଙ୍ଗଠକ କମ୍ରେଡ୍ କାଣ୍ଡୋରାମ ବଦ୍ରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଚୈତନ୍ୟ ମାର୍ଣ୍ଡି, ରାମକୃଷ୍ଣ ମୁଣ୍ଡୁରୀ, ଚକ୍ରଧର ଜଜ, ନିମୁ ଟୁଡୁ, ଲମ୍ବୋଦର ମୁର୍ମୁ, ତପନ ସିଂହ ସମେତ ଡି.ୱାଇ.ଓ. ରାଜ୍ୟ ସମ୍ପାଦକମଣ୍ଡଳୀ ସଭ୍ୟ କମ୍ରେଡ୍ ଚୈତନ୍ୟ ମହାରଣା ବକ୍ତବ୍ୟ ରଖିଥିଲେ। ସଭା ଆରମ୍ଭରେ ବିର୍ସାମୁଣ୍ଡାଙ୍କ ଉପରେ ରଚତ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା।

# ଅଲ୍ ଇଣ୍ଡିଆ କିସାନ କ୍ଷେତ ମଜଦୁର ସଙ୍ଗଠନ ପକ୍ଷରୁ ରାଜ୍ୟବ୍ୟାପୀ ଆନ୍ଦୋଳନ

ଚାଷୀମାନଙ୍କର ଉତ୍ପାଦିତ ଶସ୍ୟ ବିଶେଷକରି ଧାନର ଲାଭଦାୟକ ମୁଲ୍ୟ ନିର୍ଦ୍ଧାରଣ, ଉଭୟ ଚାଷୀ ଓ ଭାଗଚାଷୀମାନଙ୍କୁ ସରକାରୀ ମଣ୍ଡିରେ ଧାନ ବିକ୍ରି କରିବା କ୍ଷେତ୍ରରେ ହୋଇଥିବା ପ୍ରତିବନ୍ଧକ ହଟାଇବା, ଉଭୟ ଚାଷୀ ଓ ଭାଗଚାଷୀମାନଙ୍କୁ ଫସଲବୀମା ଓ ପ୍ରଧାନମନ୍ତ୍ରୀ ଫସଲବୀମା ଟଙ୍କା ଠିକ ସମୟରେ ପ୍ରଦାନ କରିବା, ସମସ୍ତ ପ୍ରକାର କୃଷି ଋଣ ଛାଡ଼ କରିବା, ସରକାରୀ ଉଦ୍ୟୋଗରେ ଡ୍ୟାମ ପ୍ରୋଜେକ୍ଟ ଓ ଉଠା ଜଳସେଚନ ପ୍ରକଳ୍ପ ଜରିଆରେ ଜଳସେଚନ ବ୍ୟବସ୍ଥା କରିବା, ଦଖଲିକୃତ ଜମିକୁ ପଟ୍ଟାଦେବା, ମୁଲିଆମାନଙ୍କୁ ବର୍ଷତମାମ କାମର ଗ୍ୟାରେଣ୍ଟି ଦେବା, ଏମ୍.ଜି.ଏନ୍.ଆର୍.ଇ.ଜି.ଏ ଜରିଆରେ ୧୦୦ ଦିନ କାମ ପରିବର୍ତ୍ତେ ୨୦୦ ଦିନକୁ ବୃଦ୍ଧି କରିବା ଆଦି ଦାବି ଉତଥାପନ କରି ସଙ୍ଗଠନ ପକ୍ଷରୁ ଧାରାବାହିକ ଭାବେ ଆନ୍ଦୋଳନ ଜାରି ରହିଛି। ଗତ ମାର୍ଚ୍ଚ ୨୨ ତାରିଖଠାରୁ ଆରମ୍ଭ ହୋଇଥିବା ଲକ୍‌ଡାଉନ୍ ସମୟଠାରୁ ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍‌ରେ ରାଜ୍ୟବ୍ୟାପୀ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ଅଲ୍ ଇଣ୍ଡିଆ କିସାନ କ୍ଷେତମଜଦୁର ସଙ୍ଗଠନ ସମେତ ଦେଶର ୨୫ଟି ଚାଷୀ ସଙ୍ଗଠନ ପକ୍ଷରୁ ଗଠନ କରାଯାଇଥିବା ଅଲ୍ ଇଣ୍ଡିଆ କିଷାନ ସଂଘର୍ଷ ସମନ୍ୱୟ ସମିତି ଡାକରାରେ ଗ୍ରାମୀଣ ଭାରତ ବନ୍ଦ ୨୭ ମଇ ଦିନ ଏଆଇକେକେଏମ୍‌ପକ୍ଷରୁ ବିକ୍ଷୋଭ, ରାସ୍ତାଅବରୋଧ ଜରିଆରେ କରାଯାଇଛି। ଗତ ଜୁନ୍ ୫ ତାରିଖରେ ବିଜେପି ନେତୃତ୍ୱାଧିନ ମୋଦୀ ସରକାରଙ୍କ ଦ୍ୱାରା ଅଣାଯାଇଥିବା କୃଷକ ବିରୋଧି ୩ଟି ଅଧ୍ୟାଦେଶ ପ୍ରତ୍ୟାହାର ଦାବିରେ ଏଆଇକେକେଏମଏସ୍ ପକ୍ଷରୁ ରାଜ୍ୟବ୍ୟାପୀ ପ୍ରତିବାଦ କରାଯାଇ ବିଭିନ୍ନ ବ୍ଲକରେ ସ୍ମାରକପତ୍ର ଦିଆଯାଇଛି। ପରବର୍ତ୍ତି ସମୟରେ ଏହି ତିନିଟି ଅଧ୍ୟାଦେଶ ଯଥା ଅତ୍ୟାବଶ୍ୟକ ସାମଗ୍ରୀ ଆଇନ୍ ସଂଶୋଧନ, ଘରୋଇ ମଣ୍ଡି ସ୍ଥାପନ, ଚୁକ୍ତିଚାଷ ବା (କଣ୍ଟ୍ରାକ୍ଟ ଫାର୍ମିଂ) ଆଇନରେ ପରିଣତ ହେବାପରେ ଏହି ଆଇନ୍‌ଗୁଡ଼ିକୁ ବାତିଲ ଦାବିରେ ଚାଷୀମାନଙ୍କର ବ୍ୟାପକ ସମର୍ଥନ ମିଳିବା ଲକ୍ଷ୍ୟ କରାଯାଉଛି। ଆସନ୍ତା ନଭେମ୍ବର ୨୬ ତାରିଖ ଦିନ ୧୦ଟି କେନ୍ଦ୍ରୀୟ ଟ୍ରେଡ୍‌ୟୁନିୟନ୍ ମାନଙ୍କ ଦ୍ୱାରା ଡାକରା ଦିଆଯାଇଥିବା ସାଧାରଣ ଧର୍ମଘଟକୁ ସମସ୍ତ ଦିଗରୁ ଦଫଳ କରିବାପାଇଁ ଏଆଇକେକେଏମଏସ୍ ପକ୍ଷରୁ ରାଜ୍ୟବ୍ୟାପୀ ପ୍ରଚାର କାର୍ଯ୍ୟ ଚାଲିଛି। ସାଧାରଣ ଧର୍ମଘଟ କାର୍ଯ୍ୟକ୍ରମ ଶେଷହେବା ପରେ କୃଷକ ବିରୋଧି ଆଇନ୍‌ଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ରଦ୍ଦ ହେବା ପର୍ଯ୍ୟନ୍ତ ଚାଷୀମୁଲିଆ ଆନ୍ଦୋଳନ ବଳବତ୍ତର ରଖାଯିବା ପାଇଁ ଏଆଇକେକେଏମ୍‌ଏସ୍ ସର୍ବଭାରତୀୟ କମିଟି ନିଷ୍ପତ୍ତି ଗ୍ରହଣ କରିଛି।

# ଆନନ୍ଦପୁରଠାରେ ଏଆଇକେକେଏମ୍‌ଏସ୍‌ର ବିକ୍ଷୋଭ




ଅଲ୍ ଇଣ୍ଡିଆ କିଷାନ କ୍ଷେତ ମଜଦୁର ସଙ୍ଗଠନ ଆନନ୍ଦପୁର ବ୍ଲକ କମିଟି ପକ୍ଷରୁ ଆନନ୍ଦପୁର ଉପଜିଲ୍ଲାପାଳ ଅଫିସ୍ ସମ୍ମୁଖରେ ଏକ ଗଣ ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ଏହି ଗଣ ବିକ୍ଷୋଭରେ ମନୋହରପୁର ଡାଇଗୁଣି, ଗୟଳମୁଣ୍ଡା ଓ ପଣସଡିହା ଆଦି ଅଞ୍ଚଳରୁ ଚାଷୀ ମୂଲିଆ ଓ ମହିଳା ସାମିଲ ହୋଇଥିଲେ। ବିକ୍ଷୋଭକାରୀଙ୍କ ପକ୍ଷରୁ ୧୨ ଦଫା ସମ୍ବଳିତ ଏକ ଦାବିପତ୍ର ଉପଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଏଥିରେ ଦାବି କରାଯାଇଥିଲା- ଜଙ୍ଗଲ ସଫେଇ ନାମରେ ଜଙ୍ଗଲ ଧ୍ୱଂସ କରିବା ବନ୍ଦ କରାଯାଉ, ସମସ୍ତ ଆଦିବାସୀ ଗ୍ରାମଗୁଡ଼ିକରେ ପାନୀୟ ଜଳ, ଚାଷ ପାଇଁ ଜଳସେଚନ, ବିଦ୍ୟୁତିକରଣ ଓ ସୋଲାର ଆଲୋକ ବ୍ୟବସ୍ଥା କରିବା ସଙ୍ଗେ ସଙ୍ଗେ ଦଖଲିକୃତ ଜମିକୁ ପଟ୍ଟା ଓ ଜଙ୍ଗଲି ପଶୁଙ୍କ ଉପଦ୍ରବରୁ ଫସଲର ସୁରକ୍ଷା, ଡାକ୍ତରଖାନା ଓ ବିଦ୍ୟାଳୟର ସୁବନ୍ଦୋବସ୍ତ କରାଯାଉ।

ବିକ୍ଷୋଭକାରୀଙ୍କ ପକ୍ଷରୁ କମ୍ରେଡ୍ ରାମକୃଷ୍ଣ ମୁଣ୍ଡାରୀଙ୍କ ନେତୃତ୍ୱ ଏକ ପାଞ୍ଚ ଜଣିଆ ପ୍ରତିନିଧିଦଳ ଉପଜିଲ୍ଲାପାଳଙ୍କୁ ସାକ୍ଷାତ କରି ଆଲୋଚନା କରିଥିଲେ। ଏହି ବିକ୍ଷୋଭ ସମାବେଶରେ ଅଲ୍ ଇଣ୍ଡିଆ କିଷାନ୍ କ୍ଷେତ ମଜଦୁର ସଙ୍ଗଠନ ଓଡ଼ିଶା ରାଜ୍ୟ କମିଟି ସଭାପତି କମ୍ରେଡ୍ ଉଦ୍ଧବ ଜେନା ଭାଷଣ ଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଚାଷୀମାରଣ ନୀତି ଓ ଚାଷି ମୂଲିଆ ବିରୋଧି କଳା ଆଇନ୍‌ର ତୀବ୍ର ବିରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାମକୃଷ୍ଣ ମୁଣ୍ଡାରୀ, ଚୈତନ୍ୟ ମାରାଣ୍ଡି, ଚକ୍ରଧର ଜଜ ଓ ପେନ ସିଂହ ପ୍ରମୁଖ ବହୁ ବକ୍ତା ଏହି ସମାବେଶରେ ବକ୍ତବ୍ୟ ରଖିଥିଲେ।

# ରେଳବାଇ ଘରୋଇକରଣ ପ୍ରତିବାଦରେ ରାଜ୍ୟବ୍ୟାପୀ ବିକ୍ଷୋଭ


କଟକ


ଭୁବନେଶ୍ୱର

ବିଜେପି ନେତୃତ୍ୱରେ ପରିଚାଳିତ କେନ୍ଦ୍ର ସରକାର ରେଳବାଇର ଘରୋଇକରଣ ପାଇଁ ଅତ୍ୟନ୍ତ ମାରାତ୍ମକ ପଦକ୍ଷେପମାନ ଗ୍ରହଣ କରିଚାଲିଛନ୍ତି। ଏହି ପୃଷ୍ଠଭୂମିରେ ଦେଶର ୧୦୯ଟି ରେଳରାସ୍ତାରେ ୧୫୧ଟି ଘରୋଇ ରେଳଗାଡ଼ି ଚଳାଇବା, ରେଳବାଇରେ ନୂତନ ନିଯୁକ୍ତି ବନ୍ଦ କରିବା ଓ କର୍ମଚାରୀ ଛଟେଇ କରିବା, ସ୍ଥାୟୀ ବଦଳରେ ଘରୋଇ ସଂସ୍ଥା ଜରିଆରେ ଠିକା କର୍ମଚାରୀ ନିଯୁକ୍ତି କରିବା, ରେଳ ଷ୍ଟେସନଗୁଡ଼ିକୁ ଘରୋଇ କମ୍ପାନୀ ମାନଙ୍କ ହାତକୁ ଟେକିଦେବା, ରେଳଯାତ୍ରା ଟିକଟ ଓ ମାଲ ପରିବହନ ଭଡ଼ା ବୃଦ୍ଧି କରିବା, ବରିଷ୍ଠ ନାଗରିକ, ମହିଳା, ବିକଳାଙ୍ଗ ଓ ରୋଗୀମାନଙ୍କ ପାଇଁ ପୂର୍ବରୁ ଥିବା ରିହାତି ବ୍ୟବସ୍ଥା ଉଚ୍ଛେଦ କରିବା, ଷ୍ଟେସନ ପରିସରକୁ ବୁଲାବିକାଳି, ରିକ୍ସା ଓ ଅଟୋରିକ୍ସା ଚାଳକଙ୍କ ପ୍ରବେଶ ନିଷିଦ୍ଧ କରିବା, ପ୍ଲାଟଫର୍ମ ଟିକଟ, ମଟର ସାଇକେଲ, କାର ଓ ଅଟୋଷ୍ଟାଣ୍ଡ ଭଡ଼ା ବୃଦ୍ଧି କରିବା ଏବଂ ଯାତ୍ରୀ ପ୍ରତିକ୍ଷାଳୟ ଶୁଳ୍କ ଆଦାୟ କରିବା ପ୍ରତିବାଦରେ "ରେଳ ଘରୋଇକରଣ ବିରୋଧି ଜନ ଅଭିଯାନ" ନେତୃତ୍ୱରେ ରାଜ୍ୟର ବିଭିନ୍ନ ରେଳଷ୍ଟେସନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାଉରକେଲା, ବ୍ରହ୍ମପୁର, ଛତ୍ରପୁର, ଜୟପୁର, ତାଳଚେର, ଭୁବନେଶ୍ୱର, କଟକ ପ୍ରଭୃତି ରେଳଷ୍ଟେସନ ସମ୍ମୁଖରେ ଶହ ଶହ ଲୋକ କେନ୍ଦ୍ର ସରକାରଙ୍କ ରେଳବାଇ ଘରୋଇକରଣ ନିଷ୍ପତ୍ତି ପ୍ରତିବାଦରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ଏବଂ ସମ୍ପୃକ୍ତ ଷ୍ଟେସନ ମ୍ୟାନେଜର ମାନଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଭିକାରୀ ପ୍ରଧାନ, ବସନ୍ତ ନାୟକ, ବିଷ୍ଣୁପଣ୍ଡା, ସୋମନାଥ ବେହେରା, ନାରାୟଣ ସାହୁ, କାହ୍ନୁ ବିଶ୍ୱାଳ, ସନ୍ତୋଷ ରଥ, ନିରଞ୍ଜନ ମହାନ୍ତି ପ୍ରମୁଖ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

# ଅତ୍ୟାବଶ୍ୟକ ସେବା ଆଇନ୍ ସଂଶୋଧନ ପ୍ରତିବାଦରେ କଟକରେ ବିକ୍ଷୋଭ



ସମ୍ପ୍ରତି ରାଜ୍ୟ ସରକାର ଅତ୍ୟାବଶ୍ୟକ ସେବା ଓ ନାଗରିକ ଅଧିକାର ଉପରେ ମାରାତ୍ମକ ଆକ୍ରମଣ କରିଛନ୍ତି। ଆନ୍ଦୋଳନ କରୁଥିବା ଓ ସରକାରୀ କର୍ମଚାରୀ ଓ ଆନ୍ଦୋଳନରେ ସହାୟତା କରୁଥିବା ବ୍ୟକ୍ତିଙ୍କୁ ଜେଲଦଣ୍ଡ ଓ ଜୋରିମାନା ଆଦାୟର ବ୍ୟବସ୍ଥା କରାଯାଇଛି। ଏହା ବିରୁଦ୍ଧରେ ନଭେମ୍ବର ୨୪ ତାରିଖରେ ଏସ୍‌ୟୁସିଆଇ(ସି) କଟକ ଜିଲ୍ଲା କମିଟି ପକ୍ଷରୁ ସ୍ଥାନୀୟ କଲେଜଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବିକ୍ଷୋଭ ସ୍ଥଳରେ ଜିଲ୍ଲା ସମ୍ପାଦକ କମ୍ରେଡ୍ ବିଶ୍ୱାବସୁ ଦାସଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ କମ୍ରେଡ୍ ରାଜକିଶୋର ମଲ୍ଲିକ, ବସନ୍ତ ନାୟକ, ସିଦ୍ଧାର୍ଥ ରଥ, ଭାଗ୍ୟରବି ଦାସ, ବିନୋଦ ସେଠୀ, ସସ୍ମିତା ମହାନ୍ତି, ସସ୍ମିତା ସାହୁ ଓ ପ୍ରିୟଦର୍ଶନ ପ୍ୟାଟେଲ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

# ବିଦ୍ୟୁତ୍ ଉପଭୋକ୍ତା ମିଳିତ ମଞ୍ଚ ପକ୍ଷରୁ କଟକ ଜିଲ୍ଲାର ବିଭିନ୍ନ ସ୍ଥାନରେ ବିକ୍ଷୋଭ


କନ୍ଦରପୁରଠାରେ ବିଦ୍ୟୁତ୍ ଉପଭୋକ୍ତା ମଞ୍ଚ ପକ୍ଷରୁ ବିକ୍ଷୋଭ

ରାଜ୍ୟର ବିଦ୍ୟୁତ୍ ସେବାର ଘରୋଇକରଣ ଓ ସେସୁକୁ ଟାଟା କମ୍ପାନୀକୁ ବିକ୍ରି କରାଯିବା, ବିଦ୍ୟୁତ୍ ଶୁଳ୍କ ବୃଦ୍ଧି, ପ୍ରସ୍ତାବିତ ଅନଲାଇନ୍ ପ୍ରିପେଡ୍ ବିଦ୍ୟୁତ୍ ଶୁଳ୍କ ଆଦାୟ, ରିହାତି ସମୟ ୧୫ ଦିନ ପରିବର୍ତ୍ତେ ୭ ଦିନକୁ ହ୍ରାସ କରିବା, ଘନଘନ ଅଘୋଷିତ ବିଜୁଳି କାଟ, ଲୋ ଭୋଲଟେଜ୍, ବିଜୁଳି ବିଲ୍‌ରେ ତ୍ରୁଟି, ବିଦ୍ୟୁତ୍ ଭିତ୍ତିଭୂମିର ବିପର୍ଯ୍ୟସ୍ତ ଅବସ୍ଥା ଓ ବେଆଇନ୍ ବିଦ୍ୟୁତ୍‌ବିଲ ଆଦାୟ ବିରୁଦ୍ଧରେ ସମସ୍ତ ସ୍ତରର ଜନସାଧାରଣଙ୍କୁ ଐକ୍ୟବଦ୍ଧ କରି ଆନ୍ଦୋଳନ ଗଢ଼ିତୋଳିବା ପାଇଁ କଟକ ଜିଲ୍ଲା ସ୍ତରୀୟ "ବିଦ୍ୟୁତ୍ ଉପଭୋକ୍ତା ମିଳିତ ମଞ୍ଚ" ଗଠନ କରାଯାଇଛି। ଏହି ମଞ୍ଚ ନେତୃତ୍ୱରେ କଟକ ଜିଲ୍ଲାର ବିଭିନ୍ନ ବିଦ୍ୟୁତ୍ ଜେଇ ଓ ଏସ୍‌ଡିଓ ଅଫିସ୍ ସମ୍ମୁଖରେ ମଞ୍ଚ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କଟକ ଜିଲ୍ଲାପାଳ ଅଫିସ୍ ସମେତ କଟକ ସଦର ବ୍ଲକ୍‌ସ୍ଥ ବେଣ୍ଟକାର, ରଘୁନାଥପୁର, କିଶୋର ନଗର, ନିଶ୍ଚିନ୍ତ କୋଇଲି ବ୍ଲକର ଓରିକଣ୍ଡା, ସାଲେପୁର, ମାହାଙ୍ଗା, ବହୁଗ୍ରାମ, କନ୍ଦରପୁର, ବାରଙ୍ଗ ପ୍ରଭୃତି ସ୍ଥାନରେ ବିକ୍ଷୋଭ ଅନୁଷ୍ଠିତ ହୋଇଛି। ଏହି ବିକ୍ଷୋଭ ଗୁଡ଼ିକରେ ମଞ୍ଚର ଆବାହକ ରାଜକିଶୋର ମଲ୍ଲିକ, ମହାନଗର ନାଗରିକ ମଞ୍ଚ ପକ୍ଷରୁ ଚିତ୍ତରଞ୍ଜନ ମହାନ୍ତି, ବରିଷ୍ଠ ସାମ୍ବାଦିକ ଡକ୍ଟର ସତ୍ୟ ରାୟ, ଆଇନଜୀବୀ ପ୍ରଶାନ୍ତ ପଣ୍ଡା, ସୁକାନ୍ତ ନାୟକ, ବିଶ୍ୱାବସୁ ଦାସ, ଖଗେଶ୍ୱର ସେଠୀ, ବସନ୍ତ ନାୟକ, ମାନଗୋବିନ୍ଦ ପଣ୍ଡା, ଭାଗିରଥି ଭୋଇ, ରେଣୁ ମହାରଣା, ଶରତ ଚନ୍ଦ୍ର ବେହେରା, ମହମ୍ମଦ ଅକିବୁଦ୍ଦିନ, ପରମାନନ୍ଦ ସେଠୀ, ଅଜୟ ମଲ୍ଲିକ, ପ୍ରଶାନ୍ତ ଦାସ, ଉଦୟ ବର୍ମ୍ମା, ପିତାମ୍ବର ଲେଙ୍କା, ହରିହର ମହାନ୍ତି, ବସନ୍ତ ସାହୁ, ଈଶ୍ୱର ସାହୁ, ସେକ୍ ଅମଦାନ ଅଲ୍ଲୀ, କେଶବ ଷଡଙ୍ଗୀ, କମଲ ଖାଁ, ଯୋଗେନ୍ଦ୍ର ରାଉତ ପ୍ରମୁଖ ନେତୃତ୍ୱ ନେଇଥିଲେ।

# ସ୍କୁଲ ଓ ବିଏଡ୍ କଲେଜ ବନ୍ଦ ପ୍ରତିବାଦରେ ବିଭିନ୍ନ ସ୍ଥାନରେ ଅଲ୍‌ଇଣ୍ଡିଆ ଡିଏସ୍‌ଓର ବିକ୍ଷୋଭ




୧୪ ହଜାର ପ୍ରାଥମିକ ସ୍କୁଲ ବନ୍ଦ ବା ଅନ୍ୟ ବିଦ୍ୟାଳୟ ସହ ମିଶ୍ରଣ କରିବାକୁ ନିଷ୍ପତ୍ତି ନେଇଛନ୍ତି ରାଜ୍ୟ ସରକାର। ସେହିପରି ୧୪ଟି ସରକାରୀ ବିଏଡ୍ କଲେଜକୁ ମଧ୍ୟ ବନ୍ଦ କରିବାକୁ ସ୍ଥିର ହୋଇଛି। ୧୦ ତାରିଖ ଦିନ କଳିଖୋଟ କଲେଜ ସମ୍ମୁଖରେ ଛାତ୍ରବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପରେ ଏକ ଦାବିପତ୍ର ଦକ୍ଷିଣାଞ୍ଚଳ ଆର୍‌ଡିସିଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି। ୨୦୨୦-୨୧ ସୁଦ୍ଧା ରାଜ୍ୟର ୧୪୩୭୯ ସ୍କୁଲ (ଗଞ୍ଜାମ ଜିଲ୍ଲାର ପ୍ରାୟ ୪ ଶହରୁ ଊର୍ଦ୍ଧ୍ୱ) ବନ୍ଦ କରିଦିଆଯିବାର ଯୋଜନା ହୋଇଛି। ବିପର୍ଯ୍ୟସ୍ତ ସ୍କୁଲ ଶିକ୍ଷାକୁ ନ ସଜାଡ଼ି ଓଲଟି ସରକାରୀ ବିଦ୍ୟାଳୟକୁ ବନ୍ଦ କରିବା ସହ ଶିକ୍ଷା ବ୍ୟବସ୍ଥାର ଘରୋଇକରଣ ଦିଗରେ ସରକାର ଅଗ୍ରସର ହେଉଛନ୍ତି। ସମାଜର ଆର୍ଥିକ ଭାବରେ ଦୁର୍ବଳ ପାଇଁ ଶିକ୍ଷାର ଦ୍ୱାର ବନ୍ଦ କରିଦେବ ବୋଲି ଡିଏସ୍‌ଓ ପକ୍ଷରୁ ପ୍ରକାଶ କରାଯାଇଛି। ଏବେ ସରକାର ୧୨ଟି ଡିଗ୍ରୀ କଲେଜରେ ୬ ଶହ ସେଲ୍‌ଫ ଫାଇନାନ୍ସ ସିଟ୍ ଖୋଲିଯାଇଛି। ବାର୍ଷିକ ପ୍ରାୟ ୪୫ ହଜାର ଟଙ୍କା ଧାର୍ଯ୍ୟ ହୋଇଛି। ଫଳରେ ସାଧାରଣ ଘରର ମେଧାବୀ ଛାତ୍ରଛାତ୍ରୀ ଏଥିରୁ ବଞ୍ଚିତ ହେବେ ଓ ରାଜ୍ୟରେ ସ୍କୁଲ ଶିକ୍ଷାର ଅଧୋଗତି ହେବ। ଏହି ନିଷ୍ପତ୍ତି ଅବିଳମ୍ବେ ବାତିଲ କରିବାକୁ ଦାବି କରି ବ୍ରହ୍ମପୁର, କଟକ, ଭୁବନେଶ୍ୱର, ଅନୁଗୁଳ, କେନ୍ଦୁଝର, ଖୋର୍ଦ୍ଧା, ବଲାଙ୍ଗୀର ପ୍ରଭୃତି ସ୍ଥାନରେ ଅଲ୍ ଇଣ୍ଡିଆ ଡିଏସ୍‌ଓ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ଓ ଦାବିପତ୍ର ପ୍ରଦାନ କରାଯାଇଛି।

# ଦରଦାମ ବୃଦ୍ଧି ବିରୁଦ୍ଧରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ)ପକ୍ଷରୁ ଖୋର୍ଦ୍ଧାରେ ବିକ୍ଷୋଭ



ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଖୋର୍ଦ୍ଧା ଆଞ୍ଚଳିକ କମିଟି ପକ୍ଷରୁ କରୋନା ମହାମାରୀ ସମୟରେ ଦରଦାମ୍ ବୃଦ୍ଧି ବିରୁଦ୍ଧରେ ଖୋର୍ଦ୍ଧା ଉପଜିଲ୍ଲାପାଳ ଅଫିସ୍ ସମ୍ମୁଖରେ ବିକ୍ଷୋଭ ଅନୁଷ୍ଠିତ ହୋଇଛି। ଦିନ ୧୧ଟା ସମୟରେ ଖୋର୍ଦ୍ଧା ଟାଉନ୍ ହଲଠାରୁ ରାଲି ବାହାରି ପୁରୁଣା ମେଡ଼ିକାଲ, ପୁରୁଣା ବସଷ୍ଟାଣ୍ଡ ହୋଇ ଉପଜିଲ୍ଲାପାଳ ଅଫିସରେ ପହଞ୍ଚିଥିଲା। ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଆଞ୍ଚଳିକ କମିଟି ସଭ୍ୟ ଜୟନ୍ତ ମହାନ୍ତିଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ସମ୍ପାଦକ କମ୍ରେଡ୍ ଅଶୋକ ସାହୁ, ପ୍ରଶାନ୍ତ ରାଉତରାୟ, ସଂଘମିତ୍ରା ମହାପାତ୍ର, ଜିତେନ୍ଦ୍ର ବଳବନ୍ତ ରାୟ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଆଳୁ, ପିଆଜ, ଡାଲି ଆଦି ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟଗୁଡ଼ିକର ଆକାଶଛୁଆଁ ମୂଲ୍ୟବୃଦ୍ଧି ଫଳରେ ଏହା ଗରିବ ପଖାଳ କଂସା ଠାରୁ ଦୁରେଇ ଯାଇଛି। ଦରଦାମ୍, ବିଦ୍ୟୁତ୍ ଶୁଳ୍କର ଅତ୍ୟଧିକ ବୃଦ୍ଧି ଆଦି ହ୍ରାସ ନ ହେଲେ ଆଗାମୀ ଦିନରେ ବ୍ୟାପକ ଗଣ ଆନ୍ଦୋଳନ ହେବ ବୋଲି ବକ୍ତାମାନେ ମତ ରଖିଥିଲେ। ଉପଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଜଣେ ଅଫିସର ଆସି ବିକ୍ଷୋଭ ସ୍ଥଳରୁ ଦାବିପତ୍ର ଗ୍ରହଣ କରିଥିଲେ। ନଭେମ୍ବର ୨୬ ତାରିଖ ସାଧାରଣ ଧର୍ମଘଟକୁ ସଫଳ କରିବା ପାଇଁ ବକ୍ତାମାନେ ଲୋକମାନଙ୍କୁ ଆହ୍ୱାନ ଦେଇଥିଲେ।

# ଜଗତ୍‌ସିଂହପୁର ଜିଲ୍ଲାରେ କୃଷିବିଲ୍ ନକଲ ପୋଡ଼ି

ଏ.ଆଇ.କେ.କେ.ଏମ୍.ଏସ୍. ଡାକରାରେ ଗତ ନଭେମ୍ବର ୩ ତାରିଖ ଦିନ କୃଷିବିଲ ପୋଡ଼ି କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥିଲା। ରାଜ୍ୟ କମିଟି ସଭ୍ୟ କମ୍ରେଡ୍ ସୁବାସ ସ୍ୱାଇଁ ନାଉଗାଁ ବ୍ଲକ କମିଟି ସଭାପତି କମ୍ରେଡ୍ ମହେଶ୍ୱର ଦାସ, ସମ୍ପାଦକ ବସନ୍ତ ମଲ୍ଲିକ, ବାଲିକୁଦା ବ୍ଲକ କମିଟି ସମ୍ପାଦକ ଆର୍ତ୍ତ ଦାସ, କୋଷାଧକ୍ଷ ରଘୁନାଥ ଦାସଙ୍କ ନେତୃତ୍ୱରେ ବାଲିକୁଦା ବ୍ଲକର କୁସ୍ମାରୀ-ଗୋଗଳ, ନାଳୋ, ହାଡ଼ିଆପଦା, ତିଗିରିଆ, ଗହୀରପଡ଼ା ଏବଂ ନାଉଗାଁ ବ୍ଲକ୍‌ରେ କେଶରପଡ଼ା, କଣ୍ଟୁଣିଆ, ମୁଣ୍ଡାଳୋ, ଅଲଣାହାଟ ଗ୍ରାମରେ ବିଲ୍ ନକଲ ପୋଡ଼ା ଯାଇଥିଲା। ବିଭିନ୍ନ ଗ୍ରାମ୍ୟ କମିଟି ପକ୍ଷରୁ ଅଜିତ୍ କାଣ୍ଡି, କାଳନ୍ଦୀ ସେଠୀ, କୈଳାସ ମଲ, ନବକିଶୋର ମହାନ୍ତି, ବାବାଜୀ କାଣ୍ଡି, ପରି ଓଝା, ଦୁର୍ଯୋଧନ ଓଝା, ସୁରେନ୍ଦ୍ର ଭୋଇ, ରେଖୀ ଦେଇ, ନିର୍ମଳ ରାଉତ, ସୁଶାନ୍ତ ରାଉତ, ବଟକୃଷ୍ଣ ଭୋଇ ପ୍ରମୁଖ ନକଲ ପୋଡ଼ିଥିଲେ। ସଙ୍ଗଠକମାନେ ବିଲ୍ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ ଗଢ଼ିତୋଳିବାକୁ ଆହ୍ୱାନ ଦେଇଥିଲେ।

# ବ୍ରାହ୍ମଣୀପାଳଠାରେ ବିର୍ଶାମୁଣ୍ଡାଙ୍କ ୧୪୫ତମ ଜୟନ୍ତୀ ଉପଲକ୍ଷେ ସଭା

ଶହୀଦ୍ ବିର୍ଶା ମୁଣ୍ଡାଙ୍କ ୧୪୫ତମ ଜୟନ୍ତୀ ଉପଲକ୍ଷେ ଏଆଇଡିୱାଇଓ ଏବଂ ଏଆଇକେକେଏମ୍‌ଏସ୍ ପକ୍ଷରୁ ବ୍ରାହ୍ମଣୀପାଳର ଡିହପାଳ ଠାରେ ଏକ ସଭା କମ୍ରେଡ୍ କାଳତତା ସରଦାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବିର୍ଶାମୁଣ୍ଡାଙ୍କ ଫଟୋଚିତ୍ରରେ ମାଲ୍ୟଦାନ କାର୍ଯ୍ୟକ୍ରମ ମଧ୍ୟଦେଇ ସଭା ଆରମ୍ଭ ହୋଇଥିଲା। ଏହି ସଭାରେ ଏଆଇଡିୱାଇଓର ରାଜ୍ୟ ସଭାପତି କମ୍ରେଡ୍ ବିଜୟାନନ୍ଦ ମଲ୍ଲିକ ମୁଖ୍ୟବକ୍ତା ଭାବରେ ଯୋଗଦେଇ ବିର୍ଶାମୁଣ୍ଡାଙ୍କ ସଂଗ୍ରାମୀ ଜୀବନ ଓ ବର୍ତ୍ତମାନ ପରିସ୍ଥିତିରେ ତା'ର ପ୍ରୟୋଜନୀୟତା କେତେ ଗୁରୁତ୍ୱ ବହନ କରୁଛି ସେ ବିଷୟରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନୋଜ ହେମ୍ବ୍ରମ୍, ରମେଶ ବାନରା, ରଞ୍ଜନ ଦିଗି, ଗମା ନାଗ ପ୍ରମୁଖ ଏହି ସଭାରେ ସେମାନଙ୍କ ବକ୍ତବ୍ୟ ରଖିଥିଲେ। ଶେଷରେ ୨୬ ନଭେମ୍ବର କେନ୍ଦ୍ର ବିଜେପି ସରକାରଙ୍କ ଜନବିରୋଧୀ ନୀତି ବିରୁଦ୍ଧରେ ଦେଶବ୍ୟାପୀ ଡାକରା ଦିଆଯାଇଥିବା ସାଧାରଣ ଧର୍ମଘଟକୁ ସମର୍ଥନ କରି ସ୍ଲୋଗାନ ମାନ ଦେଇ ଜନଗଣଙ୍କୁ ଏହି ଧର୍ମଘଟକୁ ସଫଳ କରିବାକୁ ଆହ୍ୱାନ ଦେଇ ସଭା ଶେଷ ହୋଇଥିଲା।

Printed,Published and owned by Sri Bishnu Das, Printed at Serene Graphics,337-Jagannath Vihar, Lane-12,Baramunda, BBSR-3 and Published at plot No. 61/2082, Gangotrinagar, Bhubaneswar-2. District Khurda, Orissa E-mail: sarbaharakranti@yahoo.co.in
Editor : Bishnu Das